**ବିଦ୍ୟାଦାତ୍ରୀଙ୍କୁ ଆବାହନ**

ପୁରୀ,( ଅଜିତ୍ କୁମାର ମହାନ୍ତି)-ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବାଗ୍‌ଦେବୀ ମା' ସରସ୍ୱତୀଙ୍କ ପୂଜନ ଉତ୍ସବ ରବିବାର ମହାସମାରୋହରେ ପାଳିତ ହୋଇଛି। ସେହିପରି ଓଡ଼ିଶା ଚାରୁ ଓ କାରୁ କଳା ମହାବିଦ୍ୟାଳୟ, ବାନାମ୍ବର ପାଠାଗାର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଘୋଡ଼ାବଜାର, ଶ୍ରୀକ୍ଷେତ୍ର କଲୋନୀ ସ୍ଥିତ ଉତ୍କଳ ମଣି ଶିଶୁ ଶିକ୍ଷା ମନ୍ଦିର, ମଧୁବନ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ହରଚଣ୍ଡୀ ସାହି ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର, ନେବଳ ଦାସ ମଠ ସ୍ଥିତ ସାରସ୍ୱତ ବିଦ୍ୟାମନ୍ଦିର ପରିସରରେ ବାଗ୍‌ଦେବୀଙ୍କ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିସହ ପୁରୀ ସହରର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନଗୁଡ଼ିକରେ ପୂଜା ମଧ ଅନୁଷ୍ଠିତ ହୋଇଛି।




୨।୨।୨୦୨୫

| | |
|---|---|
| ୯,୪୧,୮୧୧ଟଙ୍କା | |
| ସୁନା | ୭.୫୦୦ ଗ୍ରାମ୍ |
| ରୁପା | ୧୧୯.୭୦୦ ଗ୍ରାମ୍ |

## ସଂକ୍ଷେପରେ

### ଗଙ୍ଗାମାତାଙ୍କୁ ସମର୍ପଣ ହେଲା ପତିତପାବନ ବାନା



ପୁରୀ,୨।୨(ଅଜିତ୍ କୁମାର ମହାନ୍ତି)

ପବିତ୍ର ବସନ୍ତ ପଞ୍ଚମୀରେ ରବିବାର ମହାପ୍ରଭୁଙ୍କ ପତିତପାବନ ବାନାକୁ ଗଙ୍ଗାରେ ସମର୍ପଣ କରାଯାଇଛି। ଶ୍ରୀକ୍ଷେତ୍ରର କେତେଜଣ ଶ୍ରଦ୍ଧାଳୁ କୁମ୍ଭମେଳା ଅବସରରେ ବାରାଣସୀର ଦଶାଶ୍ୱମେଧ ଘାଟର ଗଙ୍ଗା ଆଳତି ସ୍ଥଳ ନିକଟରେ ସ୍ନାନ କରି ପତିତପାବନ ବାନାକୁ ମା' ଗଙ୍ଗାଙ୍କୁ ସମର୍ପଣ କରିଥିଲେ। ସେହିପରି ଚଳିତବର୍ଷ ରଥଯାତ୍ରା ସଫଳ ନେଇ ଆଶୀର୍ବାଦ କାମନା କରିଛନ୍ତି। ଶନିବାର ଚତୁର୍ଥୀ ତିଥି ଅବସରରେ ସେମାନେ ପ୍ରୟାଗରାଜରେ ଶିବଲିଙ୍ଗ ଦ୍ୱାରଘାଟ ନିକଟ ତ୍ରିବେଣୀ ସଂଗମରେ ସ୍ନାନ କରିବା ସହ ପତିତପାବନ ବାନା ଗଙ୍ଗା, ଯମୁନା ଓ ସରସ୍ୱତୀଙ୍କୁ ସମର୍ପଣ କରିଥିଲେ। ଶ୍ରୀକ୍ଷେତ୍ରରୁ ଯାଇଥିବା ୪ଜଣ ଶ୍ରଦ୍ଧାଳୁ ଅକ୍ଷୟ ମିଶ୍ର, ଶକ୍ତିପଦ ମିଶ୍ର, ବିଶ୍ୱରଞ୍ଜନ ମହାନ୍ତି ଓ ଜିତେନ୍ଦ୍ର ସିଂ ଏହାକୁ ସମର୍ପଣ କରି ଶ୍ରୀକ୍ଷେତ୍ର ସମେତ ଓଡ଼ିଶାର ମଙ୍ଗଳ ମନାସିଛନ୍ତି।

### ବିଭିନ୍ନ ଅନୁଷ୍ଠାନରେ ସରସ୍ୱତୀ ପୂଜା

କୋଣାର୍କ/କଣାସ/ବଳଙ୍ଗା/ଅସ୍ତରଙ୍ଗ/କାକଟପୁର, ୨।୨ (ଜ୍ୟୋତିରାଜ ମହାନ୍ତି/ବିଭୂତି ଭୂଷଣ ତ୍ରିପାଠୀ/କେଦାରେଶ୍ୱର ନନ୍ଦ/ ପ୍ରଦୀପ୍ତ କୁମାର ଦୀକ୍ଷିତ/ଶୁଭଦର୍ଶନ ମିଶ୍ର)

କୋଣାର୍କସ୍ଥିତ କୋଣାର୍କ ଭଗବତୀ ମହାବିଦ୍ୟାଳୟ, ଜବାହର ନବୋଦୟ, ଜାଭିୟର କଲେଜ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ, କୋଣାର୍କ ଉଚ୍ଚ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ, ଆଶ୍ରମ ସ୍କୁଲ, ସରସ୍ୱତୀ ଶିଶୁ ମନ୍ଦିର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସାରଦ୍ଧା ଡିଗ୍ରୀ ମହିଳା ମହାବିଦ୍ୟାଳୟ, ସାରଦ୍ଧା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ, ଧନିତ୍ରିସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଦଶବାଟିଆ ଉଚ୍ଚ ବିଦ୍ୟାଳୟ, ଦାମୋଦର ବାଳିକା ଉଚ୍ଚ ବିଦ୍ୟାଳୟ, ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ସମେତ ବିଭିନ୍ନ ଅନୁଷ୍ଠାନରେ ରବିବାର ସରସ୍ୱତୀ ପୂଜା ପାଳିତ ହୋଇଛି। ସେହିପରି କଣାସ କଲେଜ, ସରସ୍ୱତୀ ଶିଶୁ ମନ୍ଦିର, ବିବେକାନନ୍ଦ ବିଦ୍ୟାନିକେତନ ସମେତ ବିଭିନ୍ନ ସ୍କୁଲ, କଲେଜ, କ୍ଲବରେ ସରସ୍ୱତୀ ପୂଜା ପାଳିତ ହୋଇଛି।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଡ଼ନିମିଗାଁରେ ସମ୍ପାଦକ ସନ୍ତୋଷ ବରାଳ ନୂତନ କରି ନାମ ଲେଖାଉଥିବା ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। ବଳଙ୍ଗା ହାଇସ୍କୁଲ, ଉଚ୍ଛୁପୁର, ସାଇଶ ଶାସନ, ତରୋଇ, ହରିପୁର, ନୂଆସନ୍ଥରେ ଥିବା ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ସରସ୍ୱତୀ ପୂଜା ପାଳନ କରାଯାଇଛି।

ପିପିଲି ବ୍ଲକ୍‌ର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସରସ୍ୱତୀ ପୂଜା ପାଳିତ ହୋଇଯାଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଗୋବିନ୍ଦପୁର ନୋଡାଲ୍ ସ୍କୁଲ ଓ ହାଇସ୍କୁଲ, ନୀଳକଣ୍ଠ ନୋଡାଲ୍ ସ୍କୁଲ, ସରସ୍ୱତୀ ବିଦ୍ୟାମନ୍ଦିର, ବାଣୀ ବିଦ୍ୟାମନ୍ଦିର, ତଲଉ, ଶିଉଳା, କୁଞ୍ଜର, ଆରୁହା, ହରିଅନ୍ତା, ନିଜିଗଡ଼ କୁରୁଞ୍ଚି, ବିଭିନ୍ନ କଲେଜ ଆଦି ବିଦ୍ୟାଳୟଗୁଡ଼ିକରେ ସରସ୍ୱତୀ ପୂଜା ପାଳନ ସହ କୁନି ପିଲାଙ୍କ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଅସ୍ତରଙ୍ଗ ଓ କାକଟପୁର ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସରସ୍ୱତୀ ପୂଜା ପାଳନ କରାଯାଇଛି। ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ, ଐଶାନେଶ୍ୱର ବିଦ୍ୟାପୀଠ, ପଶ୍ଚିମେଶ୍ୱର ବିଦ୍ୟାପୀଠ, ଅସ୍ତରଙ୍ଗ ମାଧ୍ୟମିକ ଉଚ୍ଚ ବିଦ୍ୟାଳୟ, ଅସ୍ତରଙ୍ଗ ଡିଗ୍ରୀ କଲେଜ ସମେତ କାକଟପୁର ମା' ମଙ୍ଗଳା ମହାବିଦ୍ୟାଳୟ ଏବଂ ଅନ୍ୟ ଅନୁଷ୍ଠାନରେ ସରସ୍ୱତୀ ପୂଜା ପାଳିତ ହୋଇଛି।

# ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଚାଚେରୀ ବେଶ ନୀତି

ପୁରୀ,୨।୨(ଅଜିତ୍ କୁମାର ମହାନ୍ତି)



ସରସ୍ୱତୀ ପୂଜା ଅବସରରେ ରବିବାର ଶ୍ରୀମନ୍ଦିରରେ ଦାରୁବିଗ୍ରହଙ୍କ ଚାଚେରୀ ବେଶ ସହ ବେଣ୍ଟପୋଖରୀରେ ବେଣ୍ଟ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ବିଗ୍ରହମାନଙ୍କ ମଧ୍ୟାହ୍ନଧୂପ ହୋଇ ମଇଲମ ପରେ ବୋଇରାଣୀ, ମାଧବଳୀ ଓ ଝୋବାଲାଗି କରାଯାଇଥିଲା। ପରେ ସର୍ବାଙ୍ଗ ଲାଗି କରାଯାଇଥିଲା। ଦକ୍ଷିଣଘର ଖଟରେ ଶ୍ରୀଦେବୀ, ଭୂଦେବୀ ଓ ଦୋଳଗୋବିନ୍ଦଙ୍କୁ ବିଜେ କରାଯାଇଥିଲା। ଅପରପକ୍ଷରେ ତିନି ଠାକୁର ଚାଚେରୀ ବେଶ ହୋଇଥିଲେ। ଉକ୍ତ ବେଶରେ ତିନିଠାକୁର ଫୁଟା ପହରଣ, ଶିରିକପଡ଼ା, ମୁଖବଳା, ଟୋପର, ଚନ୍ଦ୍ରିକା, ନଳୀଭୁଜ, ଆଡ଼କାନୀ, ତିଳକ, ଓଡ଼ିଆଣୀ, ସୂର୍ଯ୍ୟଚନ୍ଦ୍ର, ଘାଘଡ଼ାମାଳ ଲାଗିହୋଇଥିଲେ। ଶ୍ରୀଜଗନ୍ନାଥ ଓ ବଳଭଦ୍ର ଦୁଇଟି ଲେଖାଏ ମକର କୁଣ୍ଡଳ, ଦେବୀ ସୁଭଦ୍ରା ୨ଟି ତଡ଼ଗୀ ଲାଗିହୋଇଥିଲେ। ରୋଷଘରକୁ ଚାଚେରୀ ଭୋଗ ଡାକରା ଯାଇଥିଲା। ଭୋଗ ଆସିବା ପରେ ଦୁଇ ଦେବୀ ଓ ଦୋଳଗୋବିନ୍ଦ ଭିତରେ ସିଂହାସନକୁ ବିଜେ କରିଥିଲେ। ମୁଦିରସ୍ତ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ସାମନ୍ତ ପଞ୍ଚୋପଚାରରେ ଭୋଗ ମଣୋହି କରିଥିଲେ। ଧୋପଖାଳ ପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ତିନିବାଡ଼ରେ ଚନ୍ଦନ ଫଗୁ ଲାଗି କରିଥିଲେ। ବନ୍ଦାପନା ପରେ ମୁଦିରସ୍ତ ତିନିବାଡରେ ଝିମିରି ଫଗୁ ଅଞ୍ଜଳି କରିଥିଲେ। ଅନ୍ୟ ନୀତି ପରେ ପୂଜାପଣ୍ଡା ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ଆଣି ଶ୍ରୀଦେବୀ, ଭୂଦେବୀ ଏବଂ ଦୋଳଗୋବିନ୍ଦଙ୍କୁ ଦେବା ପରେ ମହାଜନ ଉକ୍ତ ତିନିଠାକୁରଙ୍କୁ ବିଜେ କରାଇ ଆଣି ଜୟବିଜୟ ଦ୍ୱାର ଲଣ୍ଡାବର୍ତ୍ତ ଉପରେ ଠିଆହୋଇ ରହିଥିଲେ। ସେଠାରେ ଠାକୁରମାନଙ୍କୁ ମୁଦିରସ୍ତ ଫଗୁଚନ୍ଦନ ପ୍ରସାଦ ଲାଗି, ବନ୍ଦାପନା, ଚାମର ଆଲଟ ପରେ ପ୍ରଭା ଉପରକୁ ଫଗୁ ଛିଞ୍ଚିଥିଲେ। ପରେ ତିନିଦିଅଁ ବଟମୂଳେ ଥିବା ବିମାନରେ ବିଜେ ହୋଇଥିଲେ। ବିମାନବଡୁମାନେ ଘଣ୍ଟ ଛତା ଓ କାହାଳୀ ସହ ବିମାନକୁ ଜଗନ୍ନାଥ ବଲ୍ଲଭକୁ ନେଇଥିଲେ। ଦୁଇ ଠାକୁରାଣୀ ଜଗଦି ଉପରେ ଓ ଦୋଳଗୋବିନ୍ଦ ଚଉଦୋଳରେ ବିଜେ କରିଥିଲେ। ଠାକୁର ଓ ଠାକୁରାଣୀଙ୍କ ମଧ୍ୟରେ ଫଗୁଖେଳ ହୋଇଥିଲା। ଦୋଳଗୋବିନ୍ଦ ଜଗତିରେ ଦୁଇ ଦେବୀଙ୍କ ପାଖରେ ବିଜେ ହୋଇଥିଲେ। ଶୀତଳଭୋଗ, ବନ୍ଦାପନା, ଚାମର ଆଲଟ ପରେ ପ୍ରସାଦ ଲାଗି କରାଯାଇଥିଲା। ଦିଅଁମାନେ ବେଣ୍ଟବିନ୍ଧା ନୀତି ନିମନ୍ତେ ଜଗନ୍ନାଥ ବଲ୍ଲଭସ୍ଥିତ ବେଣ୍ଟପୋଖରୀକୁ ବିଜେ କରିଥିଲେ। ଭିତରଚ୍ଛ ତୀର କମାଣକୁ ଠାକୁରଙ୍କ ଶ୍ରୀଅଙ୍ଗରେ ଛୁଆଁଇ ଲେଙ୍କା ସେବକଙ୍କୁ ଦେଇଥିଲେ। ସେଠାରେ ଥିବା ପଇଡ଼କୁ ବେଣ୍ଟ ବିନ୍ଧିଥିଲେ। ନୀତି ସମ୍ପନ୍ନ ପରେ ଠାକୁର ଠାକୁରାଣୀ ଶ୍ରୀମନ୍ଦିରକୁ ବାହୁଡ଼ାବିଜେ କରିଥିଲେ। ଜୟବିଜୟ ଦ୍ୱାରରେ ପ୍ରସାଦଲାଗି ଓ ବନ୍ଦାପନା ପରେ ଦୋଳଗୋବିନ୍ଦ ଦକ୍ଷିଣ ଘରକୁ ଏବଂ ଶ୍ରୀଦେବୀ ଓ ଭୂଦେବୀ ସିଂହାସନକୁ ବିଜେ କରିଥିଲେ। ଅପରପକ୍ଷରେ ସନ୍ଧ୍ୟାଧୂପ ପରେ ସରସ୍ୱତୀ ମନ୍ଦିରରେ ମାଦଳା ପାଞ୍ଜି ପୂଜା କରାଯାଇଥିଲା। ଶୀତଳ ଭୋଗ କରାଯାଇ ପରମ୍ପରା ଅନୁଯାୟୀ ୨୧ଟି ନଡ଼ିଆ ଭଙ୍ଗାଯାଇଥିଲା।

# ଶ୍ରୀମନ୍ଦିରରେ ଭିଡ଼: ଠେଲାପେଲା ପରିସ୍ଥିତି

ପୁରୀ,୨।୨(ଅଜିତ୍ କୁମାର ମହାନ୍ତି)

ମାଘ ଶୁକ୍ଳ ପଞ୍ଚମୀ ବା ବସନ୍ତ ପଞ୍ଚମୀରେ ରବିବାର ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଭକ୍ତଙ୍କ ଭିଡ଼ ଯୋଗୁ ସିଂହଦ୍ୱାର ବ୍ୟାରିକେଡ୍‌ରେ ଠେଲାପେଲା ପରିସ୍ଥିତି ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ, ଶନିବାର ଶ୍ରୀବିଗ୍ରହଙ୍କ ପଦ୍ମବେଶ ଅନୁଷ୍ଠିତ ହୋଇଥିଲା। ପରମ୍ପରା ଅନୁସାରେ ଶ୍ରୀବିଗ୍ରହମାନେ ପଦ୍ମବେଶରେ ରାତ୍ରପହୁଡ଼ ଯାଇଥିଲେ। ରବିବାର ଅବକାଶ ନୀତି ପରେ ବେଶ ଓଲାଗି ହୋଇଥାନ୍ତା। ତେଣୁ ବେଶ ଓଲାଗି ପୂର୍ବରୁ ଠାକୁରଙ୍କ ପଦ୍ମବେଶ ଦର୍ଶନ କରିବାକୁ ଭୋରୁ ସ୍ଥାନୀୟ ଲୋକଙ୍କ ସହ ଭକ୍ତଙ୍କ ଗହଳି ପରିଲକ୍ଷିତ ହୋଇଥିଲା।ଫଳରେ ଠେଲା ପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ କର୍ମଚାରୀଙ୍କ ନିମନ୍ତେ ଥିବା ଚେୟାର ମଧ ଭାଙ୍ଗି ଯାଇଥିଲା। ଏହି ଠେଲାପେଲାରେ କେହି ଆହତ ହୋଇ ନ ଥିବା ଜଣାପଡ଼ିଛି। କିଛି ସମୟ ମଧ୍ୟରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଅପରପକ୍ଷରେ ଶ୍ରୀମନ୍ଦିର ଭିତରେ ମଧ ଭକ୍ତଙ୍କ ଭିଡ଼ ଜମିଥିଲା। ଘଣ୍ଟିଦ୍ୱାର ନିକଟରେ ହୋଇଥିବା ବ୍ୟାରିକେଡ୍ ଯେଉଁପଟେ ଭିଆଇପି, ଶ୍ରୀମନ୍ଦିର କର୍ମଚାରୀ ଓ ସେବାୟତ ପ୍ରବେଶ କରିବା ନିମନ୍ତେ ବ୍ୟବସ୍ଥା କରାଯାଇଛି, ସେହି ରାସ୍ତାଦେଇ ଭକ୍ତମାନେ ବାହାରକୁ ବାହାରିଥିଲେ। ସେହି ରାସ୍ତା ଦେଇ ଯାଉଥିବା କେତେଜଣ ବୟସ୍କ ମହିଳା ଠେଲାପେଲା ପଡ଼ିଯିବା ଭଳି ପରିସ୍ଥିତ ଉପୁଜିଥିଲା, ଯାହାକୁ ନେଇ ଭକ୍ତମାନେ ଅସନ୍ତୋଷ ପ୍ରକାଶ କରିଥିଲେ।

# ଚନ୍ଦ୍ରଭାଗା ବୁଡ଼: ପୋଲିସ ପକ୍ଷରୁ ପାର୍କିଂ ବ୍ୟବସ୍ଥା

ପୁରୀ, ୨।୨(ଅଜିତ କୁମାର ମହାନ୍ତି)

**ହେଲ୍ପଲାଇନ ନମ୍ବର ୧୧୨**

ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ଶୃଙ୍ଖଳିତ ବୁଡ଼ ଉପରେ ଗୁରୁତ୍ୱ ଦିଆଯାଇଛି। ଶ୍ରଦ୍ଧାଳୁ କୌଣସି ସହାୟତା ପାଇଁ ପୁରୀ ପୋଲିସ ହେଲ୍ପଲାଇନ ନମ୍ବର ୧୧୨ ସହିତ ଯୋଗାଯୋଗ କରିପାରିବେ। ୩ତାରିଖରୁ ପୋଲିସ ଫୋର୍ସ ନିୟୋଜିତ ହେବେ। ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା କରାଯାଇଛି। ସ୍ଥାନୀୟ ଲୋକେ ଯାତାୟାତ କରୁଥିବା ବସ୍‌ଗୁଡ଼ିକ ନିମନ୍ତେ କୌଣସି କଟକଣା ନାହିଁ, ମାତ୍ର ଟୁରିଷ୍ଟ ବସ୍‌ଗୁଡ଼ିକ ପାଇଁ ଅଲଗା ପାର୍କିଂ ବ୍ୟବସ୍ଥା ହୋଇଛି। ଚାରିଚକିଆ ଓ ଦୁଇଚକିଆ ଗାଡ଼ି ପାଇଁ ପୃଥକ ପାର୍କିଂ ସ୍ଥାନ କରାଯାଇଛି। ପୁରୀ ଆଡୁ କୋଣାର୍କ ପଟକୁ ଯାଉଥିବା ବସ୍‌ଗୁଡ଼ିକ ରାମଚଣ୍ଡୀ ଥାନା ନିକଟ ପାର୍କିଂସ୍ଥଳରେ ପାର୍କିଂ କରିବେ। ସେହିପରି ସେଠାରୁ ସମାନ ରାସ୍ତା ଦେଇ ଫେରିବେ। କାକଟପୁର ଓ ନିମାପଡ଼ା ପଟୁ ଆସୁଥିବା ବସ୍‌ଗୁଡ଼ିକ କୋଣାର୍କ ହେଲିପ୍ୟାଡ ଗ୍ରାଉଣ୍ଡ ନିକଟରେ ଏବଂ ପୁରୀରୁ କୋଣାର୍କ ଆଡ଼କୁ ଯାଉଥିବା ଚାରିଚକିଆ ଗାଡ଼ିଗୁଡ଼ିକ ରାମଚଣ୍ଡୀ ଥାନା ନିକଟ ପାର୍କିଂରେ ଗାଡ଼ି ରଖିବେ। ନିମାପଡ଼ା ଓ କାକଟପୁର ପଟୁ ଆସୁଥିବା ଚାରିଚକିଆ ଗାଡ଼ି କୋଣାର୍କ ହେଲିପ୍ୟାଡ ଗ୍ରାଉଣ୍ଡ, ଆଇଓସିଏଲ ପାର୍କିଂ ଏବଂ ଏଏସ୍‌ଆଇ ମ୍ୟୁଜିୟମ ପାର୍ଶ୍ୱ ପାର୍କିଂରେ ଗାଡ଼ି ରଖିବେ। ପୁରୀରୁ ଯାଉଥିବା ଦୁଇଚକିଆ ଗାଡ଼ି ଲାଇଟ ହାଉସ ବାମପାଖ ସ୍ଥାନରେ ପାର୍କିଂ କରିବେ। କାକଟପୁର ଓ ନିମାପଡ଼ା ପଟୁ ଆସୁଥିବା ଦୁଇଚକିଆ ଗାଡ଼ି କୋଣାର୍କ ହେଲିପ୍ୟାଡ ଗ୍ରାଉଣ୍ଡ, ଆଇଓସିଏଲ ପାର୍କିଂ ଏବଂ ଏଏସ୍‌ଆଇ ମ୍ୟୁଜିୟମ ପାର୍ଶ୍ୱ ପାର୍କିଂରେ ଗାଡ଼ି ରଖିବେ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଭିତରଚ୍ଛ ମଧୁସୂଦନଙ୍କ ସ୍ମୃତିରେ ବସନ୍ତ ଉତ୍ସବ

**ସୁନନ୍ଦା ପଟ୍ଟନାୟକଙ୍କୁ ବସନ୍ତ ସମ୍ମାନ**

ପୁରୀ,୨।୨(ଅଜିତ୍ କୁମାର ମହାନ୍ତି)




ଶ୍ରୀଜଗନ୍ନାଥଙ୍କ ସେବା କରି ମୃତ୍ୟୁ ପର୍ଯ୍ୟନ୍ତ ପ୍ରାପ୍ୟ, ପାଉଣା କିମ୍ବା ପୁରସ୍କାର ନେଉ ନ ଥିବା ଠାକୁରଙ୍କ ଅଙ୍ଗଲାଗି ସେବକ ଭିତରଚ୍ଛ ମଧୁସୂଦନ ମହାପାତ୍ରଙ୍କ ତ୍ରୟୋଦଶତମ ମହାପ୍ରୟାଣ ସ୍ମୃତିରେ ସିଂହଦ୍ୱାର ନିକଟରେ ରବିବାର ବସନ୍ତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ବଦ୍ରି ମିଶ୍ରଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ଜଗନ୍ନାଥ ପୂଜାପଣ୍ଡା ସାମନ୍ତଙ୍କ ପରିଚାଳନାରେ ଆୟୋଜିତ ଏହି ଉତ୍ସବକୁ ସିଟି ଡିଏସ୍‌ପି ପ୍ରଶାନ୍ତ ସାହୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାବା ସଚ୍ଚିଦାନନ୍ଦ ମହାରାଜ, ସେବାୟତ ରାମଚନ୍ଦ୍ର ଦାସମହାପାତ୍ର, ମନୋରଞ୍ଜନ ସିଂହାରୀ, ବିଶ୍ୱନାଥ ସାମନ୍ତରା, ରାଜକିଶୋର ମିଶ୍ର, ହରିହର ପୂଜାପଣ୍ଡାସାମନ୍ତ ଏବଂ ଗବେଷକ ଭାସ୍କର ମିଶ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାପାତ୍ରଙ୍କ ସେବା–ସମର୍ପଣର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ 'ଘରେ ଘରେ ଭାଗବତ'ର ପରିଚାଳିକା ସୁନନ୍ଦା ପଟ୍ଟନାୟକଙ୍କୁ ବସନ୍ତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଶ୍ରୀମନ୍ଦିର ସେବାୟତ ଭୁବନମୋହନ ପୂଜାପଣ୍ଡା ସାମନ୍ତ, ସେବାୟତ ହରିବଲ୍ଲଭ କର, ଗରାବଡୁ ସେବକ ଆର୍ତ୍ତତ୍ରାଣ ଗୋଚ୍ଛିକାର, ଶ୍ରୀମନ୍ଦିର ପ୍ରଶାସନ ନୀତି ବିଭାଗର ସ୍ୱତନ୍ତ୍ର ପଦାଧିକାରୀ ରବି ନାରାୟଣ ମିଶ୍ର, ଭାଗବତ ଆଶ୍ରମର ମୁଖ୍ୟ ବାବା ବ୍ରଜବନ୍ଧୁ ଦାସ ଏବଂ ପଣ୍ଡା ନିଯୋଗ ସଂସ୍କୃତ ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ର ସମୀର ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଭିତରଚ୍ଛ ମଧୁସୂଦନଙ୍କ ପୁତ୍ର ଭିତରଚ୍ଛ ହରେକୃଷ୍ଣ ମହାପାତ୍ର ଏହି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।.ରାଜେନ୍ଦ୍ର ମିଶ୍ରଙ୍କ ନିର୍ଦ୍ଦେଶନାରେ କଣ୍ଠଶିଳ୍ପୀମାନେ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ। ସକାଳେ 'ମାନବ ସେବା ହିଁ ମାଧବ ସେବା, ଖଡ଼ଗପୁର' ପକ୍ଷରୁ ନଗର ସଂକୀର୍ତ୍ତନ ଏବଂ ଶ୍ରୀମନ୍ଦିର ପରିକ୍ରମା କରାଯିବା ପରେ ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ୱାର୍ଡରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।

# କୋଣାର୍କ ଇକୋ ରିଟ୍ରିଟ୍‌ରେ ବାଇକ୍ ରାଇଡର୍‌ଙ୍କ ମୃତ୍ୟୁ

କୋଣାର୍କ,୨।୨(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ରାମଚଣ୍ଡୀ ମୁହାଁଣ ନିକଟ ଇକୋ ରିଟ୍ରିଟ୍‌ରେ ରବିବାର ଜଣେ ବାଇକ୍ ରାଇଡର୍‌ଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଭୁବନେଶ୍ୱର ପଟିଆ ଅଞ୍ଚଳର ମହମ୍ମଦ ଆଲାମ ହୁସେନ। ସେ ପରିବାର ସହ ଶନିବାର ରାତ୍ରିଯାପନ କରିଥିଲେ। ରବିବାର ଅପରାହ୍ନରେ ଦେହ ଅସୁସ୍ଥ ହେବାରୁ ଅଚେତ ହୋଇପଡ଼ିଥିଲେ। ତୁରନ୍ତ ତାଙ୍କୁ ଆମ୍ବୁଲାନ୍ସରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚନ୍ଦ୍ରଭାଗା ମେରାଇନ ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ପଠାଇଥିବା ଆଇଆଇସି ପ୍ରତିମା ସାହୁ ସୂଚନା ଦେଇଛନ୍ତି।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ଅସ୍ତରଙ୍ଗ,୨।୨(ମମତା ଜେନା)

କାକଟପୁର ବ୍ଲକ ଅଧୀନ ସାତେଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଦେଈଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ କ୍ଷୀରୋଦ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଦିଲ୍ଲୀପ ଜେନା, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, କୁଣ୍ଡେଇ ସରପଞ୍ଚ ପ୍ରଭାତୀ ରାଉତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଇନ୍ଦ୍ରଜିତ ମହାନ୍ତି, ପ୍ରମୋଦ ମଲ୍ଲିକ, ବିଷ୍ଣୁ ଚରଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ପୁଷ୍ପାଞ୍ଜଳି ଦେଈଙ୍କ ନିଃସ୍ୱାର୍ଥପର ଶିକ୍ଷାଦାନ, ଶୃଙ୍ଖଳିତ ମାନଦଣ୍ଡ ସମ୍ପର୍କରେ ଅତିଥିମାନେ କହିଥିଲେ। ପରେ ତାଙ୍କୁ ଏକ ଶୋଭାଯାତ୍ରାରେ ସମସ୍ତ ସହକର୍ମୀ, ଛାତ୍ରୀଛାତ୍ର ନେଇ ବାସ ଭବନରେ ଛାଡ଼ିଥିଲେ।

# ବିଦ୍ୟାଳୟ ହେଉଛି ସଂସ୍କାରଧର୍ମୀ ମନ୍ଦିର




କୋଣାର୍କ,୨।୨(ଜ୍ୟୋତିରାଜ ମହାନ୍ତି)

ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ କୋଣାର୍କସ୍ଥିତ ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଅତିରିକ୍ତ ମଙ୍ଗଳ ଅଧିକାରୀ ପ୍ରଭାତ କୁମାର ସିଂ, ଅତିରିକ୍ତ ମଙ୍ଗଳ ଅଧିକାରୀ ଅମ୍ରିତା ମିଶ୍ର, ଅବସରପ୍ରାପ୍ତ ପ୍ରାଧାପକ ସୁକାନ୍ତ କୁମାର ମହାନ୍ତି, ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ରାମକୃଷ୍ଣ ମହାନ୍ତି ଏବଂ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ କୃଷ୍ଣଚନ୍ଦ୍ର ବଳବନ୍ତରାୟ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ହେଉଛି ସଂସ୍କାରଧର୍ମୀ ଓ ଶୃଙ୍ଖଳିତ ଛାତ୍ରୀଛାତ୍ର ଗଠନ କରିବାର ପ୍ରମୁଖ ମନ୍ଦିର ବୋଲି କହିଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଚିନ୍ମୟୀ ପାଢ଼ୀ ସଂଯୋଜନା କରିଥିବାବେଳେ ଦୀପକ କୁମାର ପ୍ରଧାନ, ପ୍ରୀତିସ୍ମିତା ରାଉତ, ଗୀତାଞ୍ଜଳି ସ୍ୱାଇଁ ଓ ସଚଳା ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚେତନାଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ସେମିରେ ଖୋର୍ଦ୍ଧା ଡାଇମଣ୍ଡ ଏଫ୍‌ସି

**ପଦ୍ମଚରଣ ସ୍ମାରକୀ ଫୁଟ୍‌ବଲ**

ନିମାପଡ଼ା,୨।୨ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଆୟୋଜିତ ୧୦ମ ପଦ୍ମଚରଣ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ସ୍ଥାନୀୟ ବାରବାଟୀ ମିନି ଷ୍ଟାଡିୟମରେ ରବିବାର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିପେନ ଏକାଦଶ କଟକକୁ ହରାଇ ଖୋର୍ଦ୍ଧା ଡାଇମଣ୍ଡ ଏଫ୍‌ସି ୩–୦ ଗୋଲରେ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମାର୍ଦ୍ଧ ମ୍ୟାଚ୍‌ରେ ଡାଇମଣ୍ଡ ଏଫ୍‌ସିର ଖେଳାଳି ଟିକି ନାୟକ ଗୋଟିଏ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧ ମ୍ୟାଚ୍‌ରେ ଟିକି ପୁନଶ୍ଚ ୨ଟି ଗୋଲ କରି ଦଳକୁ ଜିତାଇଥିଲେ। ଶ୍ରେଷ୍ଠ ଖେଳ ପ୍ରଦର୍ଶନ ନିମନ୍ତେ ଖେଳାଳି ଟିକି ନାୟକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଅତିଥି ଭାବେ ଆଥ୍‌ଲେଟିକ ଆସୋସିଏଶନ ସଭାପତି ତଥା ପୂର୍ବତନ ମନ୍ତ୍ରୀ ସମୀର ଦାଶ, ଶିକ୍ଷାବିତ୍ ଜଗତ ପ୍ରସାଦ ସାବୁତ, ସାମାଜିକ କର୍ମୀ ବିନୋଦ ବିହାରୀ ସ୍ୱାଇଁ, ଶ୍ରୀକାନ୍ତ ସାମନ୍ତରାୟ, ନିମାପଡ଼ା ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ଜୀବନାନନ୍ଦ ମହାପାତ୍ର ଏବଂ ଆଇନଜୀବୀ ଅଭିମନ୍ୟୁ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ବିଜୟ ମଙ୍ଗରାଜ, ସୁଦୀପ୍ତ ଦାଶ, ଜ୍ୟୋତିରଞ୍ଜନ ସ୍ୱାଇଁ, ସମର ବରାଳ ପ୍ରମୁଖ ରେଫରି ଭାବେ ଖେଳ ପରିଚାଳନା କରିଥିଲେ। ମ୍ୟାଚ୍ କମିଶନର ଭାବେ ପଦ୍ମଚରଣ ପାଣିଗ୍ରାହୀ ରହିଥିଲେ।

# ବସ୍ତି ପିଲାଙ୍କୁ ପାଠ୍ୟ ଉପକରଣ ବଣ୍ଟନ

ପୁରୀ,୨।୨(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ସ୍ୱେଚ୍ଛାସେବୀ ସଂଗଠନ ସାମ୍ମୁଖ୍ୟ 'ଦି ବେଲ୍'ର ସ୍ୱେଚ୍ଛାସେବୀମାନେ ରବିବାର ବସ୍ତି ଅଞ୍ଚଳ ପିଲାଙ୍କୁ ପାଠ୍ୟ ଉପକରଣ ବାଣ୍ଟି ନିଆରା ଢଙ୍ଗରେ ସରସ୍ୱତୀ ପୂଜା ପାଳନ କରିଛନ୍ତି। ବଳିଆପଣ୍ଡା ଅଞ୍ଚଳରେ ଥିବା ଏକଲବ୍ୟ ପାଠଶାଳାରେ ଅଧ୍ୟୟନ କରୁଥିବା ପ୍ରାୟ ୫୦ଜଣ କୁନି ପିଲାଙ୍କୁ ଅନୁଷ୍ଠାନ ତରଫରୁ ବିଭିନ୍ନ ପାଠ୍ୟ ଉପକରଣ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ବସ୍ତି ଅଞ୍ଚଳରେ ପାଠ ପଢ଼ିବାର ସୁଯୋଗ ପାଉନଥିବା କିମ୍ବା ଅଧାରୁ ପାଠ ଛାଡ଼ିଥିବା ପିଲାଙ୍କ ପାଇଁ ଶିକ୍ଷାଦାନର ବ୍ୟବସ୍ଥା କରାଯିବ ବୋଲି ବେଲ୍ ପ୍ରତିଷ୍ଠାତା ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ କହିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଭାରତ ଯୋଗକେନ୍ଦ୍ରର ରମାବଲ୍ଲଭ ମହାପାତ୍ର, ବେଲ୍ ସାଧାରଣ ସମ୍ପାଦକ ରାଜକିଶୋର ପାତ୍ର, ଉପାଧ୍ୟକ୍ଷ ସୁକାନ୍ତ ପଣ୍ଡା, ଖବରଦାତା ବିଜୟ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଏକଲବ୍ୟ ପାଠଶାଳାର ପ୍ରଧାନ ପରିଚାଳକ ଉମେଶ ଚନ୍ଦ୍ର ସାହୁ ପରିଚାଳନା କରିଥିଲେ। ସିଲି ସେଠୀ, ପାର୍ବତୀ ରାଭା, ଆକାଶ ସିଂ, ରାକେଶ କୁମାର ଶତପଥୀ, ମୋନାଲିସା ଜେନା ପ୍ରମୁଖ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ ଶାରଳା କପ୍: କୁମାରବସ୍ତ ଖୋର୍ଦ୍ଧା ଚାମ୍ପିୟନ

ଅସ୍ତରଙ୍ଗ,୨।୨(ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)



ଅସ୍ତରଙ୍ଗ ବ୍ଲକ ପଛପଡ଼ିଆ ନରେନ୍ଦ୍ର ଷ୍ଟାଡିୟମରେ ୩୨ତମ ଶାରଳା କପ୍ ମେଗା ଫାଇନାଲ ମ୍ୟାଚରେ ଢେଙ୍କାନାଳ କ୍ରିକେଟ କ୍ଲବକୁ ହରାଇ କୁମାରବସ୍ତ ଖୋର୍ଦ୍ଧା ଚାମ୍ପିୟନ ହୋଇଛି। ପ୍ରଥମେ ଟସ୍ ଜିତି ଢେଙ୍କାନାଳ ବୋଲିଂ ପାଇଁ ନିଷ୍ପତ୍ତି ନେଇଥିଲା। ଖୋର୍ଦ୍ଧା ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୮୧ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଭିଷେକ ପଟ୍ଟନାୟକ ୩୦ ବଲ୍‌ରେ ୫୦ ରନ୍ କରିଥିଲେ। ଢେଙ୍କାନାଳର ଖେଳାଳି ମଳୟ ପ୍ରଧାନ ୩ଟି ଉଇକେଟ ନେଇଥିଲେ। ଜବାବରେ ଢେଙ୍କାନାଳ ୧୭୧ ରନ୍ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ବିକାଶ ରାଉତ ୪୮ ରନ କରିଥିବାବେଳେ ଖୋର୍ଦ୍ଧାର ଖେଳାଳି ଚାମିଣ୍ଡା ସିଭା ୩ ଉଇକେଟ ନେଇଥିଲେ, ଯାହାକି ଚଳିତ ବର୍ଷ ୩୨ତମ ଶାରଳା କପ ବିଜେତା ଦଳକୁ ୩୩ ହଜାର ୩୩୩ ଟଙ୍କା ଓ ରନର୍ସ ଦଳକୁ ୨୨ ହଜାର ୨୨୨ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଅତିଥିଙ୍କ ସହ ଶାରଳା କ୍ଲବ ସଭାପତି ଯୁଗଳ କିଶୋର ମହାନ୍ତି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ଅଭିଷେକ ପଟ୍ଟନାୟକଙ୍କୁ ଓ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ଅସୀମା ନନ୍ଦ ଧଳବେହେରାଙ୍କୁ ପୁରସ୍କୃତ କରିଥିଲେ। ଅମ୍ପାୟର ମାଷ୍ଟର ସନ୍ତୋଷ ଓ ମାଷ୍ଟର ଡୋକମ ଖେଳ ପରିଚାଳନା କରିଥିଲେ। କ୍ଲବ ସଭାପତି ଯୁଗଳ କିଶୋର ମହାନ୍ତି, ଉପସଭାପତି ପ୍ରକାଶ ଚନ୍ଦ୍ର ବେହେରା, ଉପଦେଷ୍ଟା ନଟକିଶୋର ମହାନ୍ତି, ଚୈତନ୍ୟ ମହାନ୍ତି, ଦିବାକର ଛାଟୋଇ ପ୍ରମୁଖ ଉପସ୍ଥିତ ଥିଲେ।



ମା' ବାଗ୍‌ଦେବୀଙ୍କ ପୂଜାର୍ଚ୍ଚନା: ପୁରୀ ଘୋଡ଼ାବଜାର ସରସ୍ୱତୀ ଶିଶୁ ମନ୍ଦିର ।



ମଧୁବନ ସରସ୍ୱତୀ ଶିଶୁମନ୍ଦିର ।



ଶାରଦା ଲେଡିଜ୍ ହଷ୍ଟେଲ । (ଫଟୋ- ଯଜ୍ଞେଶ୍ୱର ମହାନ୍ତି )

**କୋଣାର୍କ ଇକୋ ରିଟ୍ରିଟ୍‌ରେ ବାଇକ୍ ରାଇଡରଙ୍କ ମୃତ୍ୟୁ**

କୋଣାର୍କ,(ଜ୍ୟୋତିରାଜ ମହାନ୍ତି): କୋଣାର୍କ ରାମଚଣ୍ଡୀ ମୁହାଁଣ ନିକଟ ଇକୋ ରିଟ୍ରିଟ୍‌ରେ ରବିବାର ଜଣେ ବାଇକ୍ ରାଇଡର୍‌ଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଭୁବନେଶ୍ୱର ପଟିଆ ଅଞ୍ଚଳର ମହମ୍ମଦ ଆଲାମ ହୁସେନ। ସେ ପରିବାର ସହ ଶନିବାର ରାତ୍ରିଯାପନ କରିଥିଲେ। ରବିବାର ଅପରାହ୍ନରେ ଦେହ ଅସୁସ୍ଥ ହେବାରୁ ଅଚେତ ହୋଇପଡ଼ିଥିଲେ। ତୁରନ୍ତ ତାଙ୍କୁ ଆମ୍ବୁଲାନ୍ସରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ସାଧୁସନ୍ଥଙ୍କ ସମାଗମରେ ଚଳଚଞ୍ଚଳ ଖଣ୍ଡଗିରି

ଭୁବନେଶ୍ୱର,୨।୨ (ସୌମ୍ୟରଞ୍ଜନ ରାଉତ) ଆସନ୍ତା ୪ ତାରିଖରୁ ଆରମ୍ଭ ହେବ ପ୍ରସିଦ୍ଧ ଖଣ୍ଡଗିରି କୁମ୍ଭମେଳା। ଏଥିସହ ୫ରୁ ସ୍ଥାନୀୟ ପାଣ୍ଠିକାଠାରେ ଐତିହ୍ୟ, ସଂସ୍କୃତିର ଗାଥା ପ୍ରଦର୍ଶନ ସହ ମନୋରଞ୍ଜନ କରିବ ଐରଖାରବେଳ ମହୋତ୍ସବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଐତିହ୍ୟ ଖଣ୍ଡଗିରି ଓ ଉଦୟଗିରି ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ଇତିମଧ୍ୟରେ ଖଣ୍ଡଗିରିରେ ନାଗା ସାଧୁଙ୍କ ସମେତ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଧୁସନ୍ଥଙ୍କ ସମାଗମ ଦେଖିବାକୁ ମିଳୁଛି। ପାହାଡ଼ ପାଦଦେଶରେ ଯଜ୍ଞକୁଣ୍ଡ ତିଆରି କରି ସେ ଶୁଭ ମୁହୂର୍ତ୍ତକୁ ଅପେକ୍ଷା କରି ରହିଥିବାବେଳେ ସାଧାରଣ ଲୋକେ ସାଧୁସନ୍ଥଙ୍କ ଆଶୀର୍ବାଦ ପାଇଁ ଏବେଠୁ ଭିଡ଼ ଲଗାଇଲେଣି। ଅନ୍ୟପକ୍ଷରେ ଏଥର ପ୍ରଥମଥର ଖଣ୍ଡଗିରି ପାହାଡ ଉପରକୁ ଯିବା ପାଇଁ ଟିକେଟ୍‌ର ବ୍ୟବସ୍ଥା କରାଯାଇଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ୪ରୁ କୁମ୍ଭମେଳା, ୫ରୁ ଐରଖାରବେଳ ମହୋତ୍ସବ



### ୬ ପେଣ୍ଡାଲରେ ଯାତ୍ରା ପରିବେଷଣ କରିବେ ୧୨ ଅପେରା ପାର୍ଟି

ପ୍ରତିବର୍ଷ ୬ଟି ଯାତ୍ରା କମିଟି ପକ୍ଷରୁ ଯାତ୍ରା ଆୟୋଜନ ହେଉଥିବାବେଳେ ଚଳିତ ବର୍ଷ ୭ଟି କମିଟି ଦାୟିତ୍ୱ ନେଉଛନ୍ତି। ତେବେ ୬ଟି ପେଣ୍ଡାଲରେ ୧୨ଟି ଅପେରା ପାର୍ଟି ନାଟକ ପରିବେଷଣ କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ତେବେ ଶେଷ ମୁହୂର୍ତ୍ତରେ କଳିଙ୍ଗ ଗଣନାଟ୍ୟ ନିଜ ନାଟକ 'ବାଜିବ ସାହାନାଇ ତୋରି ପାଇଁ' ମଞ୍ଚସ୍ଥ କରିବ। ଏଥିସହ ଏହି ନାଟ୍ୟ ସଂସ୍ଥା 'କଳିଙ୍ଗ ସାଂସ୍କୃତିକ ପରିଷଦ' ନାମରେ କମିଟି ଗଢ଼ି ଏହି ନାଟକକୁ ୪ଦିନ ପରିବେଷଣ କରିବ। ଏନେଇ କମିଟି ପକ୍ଷରୁ ସାଧାରଣ ପ୍ରଶାସନ ବିଭାଗଠାରୁ ଆବଶ୍ୟକ ଜାଗା ପାଇଁ ଅନୁମତି ଆଣିସାରିଛି ବୋଲି କଳିଙ୍ଗ ଗଣନାଟ୍ୟର ମ୍ୟାନେଜର ମଧୁସୂଦନ ପ୍ରଧାନ କହିଛନ୍ତି। ନାଟକରେ ମୁଖ୍ୟ ଆକର୍ଷଣ ଭାବରେ ଯାତ୍ରା ଦୁନିଆର ଆଗଧାଡିକ କଳାକାର ସୁରେଶ ପଣ୍ଡାଙ୍କ ସହ ବହୁ ଚର୍ଚ୍ଚିତ କଳାକାର ଅଭିନୟ କରିବେ।

## ଏଥର ବି ପ୍ରାଚୀନ ଐତିହ୍ୟ କୁଣ୍ଡକୁ ଅଣଦେଖା


ଗୁପ୍ତ ଗଙ୍ଗା

ଖଣ୍ଡଗିରି କୁମ୍ଭ ମେଳା ସହ ପଞ୍ଚ ଐତିହ୍ୟ କୁଣ୍ଡର ମହାତ୍ମ୍ୟ ଜଡିତ ରହିଥିବା କୁହାଯାଇଥାଏ। ତାହା ହେଲା ରାଧା କୁଣ୍ଡ, ଶ୍ୟାମ କୁଣ୍ଡ, ଲଳିତା କୁଣ୍ଡ, ଗୁପ୍ତ ଗଙ୍ଗା ଓ ଆକାଶ ଗଙ୍ଗା । ଏଥର ମଧ୍ୟ ଏସବୁ ଐତିହ୍ୟ କୁଣ୍ଡକୁ ପ୍ରଶାସନ ପକ୍ଷରୁ ଅଣଦେଖା କରାଯାଇଛି। ଖଣ୍ଡଗିରିର ପାହାଡର ଶୀର୍ଷରେ ଥିବା ଆକାଶ ଗଙ୍ଗା ସବୁଠାରୁ ଅଧିକ ଅପରିଷ୍କାର ସହ ଅନାବନା ଅଳିଆ ଆବର୍ଜନାରେ ପୂର୍ଣ୍ଣ ରହିଛି। ସାଧୁସନ୍ଥଙ୍କ ପୂଜାର୍ଚ୍ଚନା ଓ ହୋମଯଜ୍ଞରେ ଗୁପ୍ତଗଙ୍ଗାର ପବିତ୍ର ଜଳ ଆବଶ୍ୟକ ରହିଥାଏ। କୁମ୍ଭମେଳା ଅବସରରେ ସାଧୁସନ୍ଥ ଏହି ଗୁମ୍ଫା ନିକଟରେ ଜପତପ କରୁଥିଲେ। କିନ୍ତୁ ବର୍ତ୍ତମାନ ଏହି ସ୍ଥାନଗୁଡିକ ଅତ୍ୟଧିକ ଅପରିଷ୍କାର ହୋଇଥିବାରୁ ସାଧୁସନ୍ଥ ଓ ସାଧାରଣ ଲୋକେ ସେଠାକୁ ଯାଇପାରୁ ନାହାନ୍ତି। ଏହାର ସୁରକ୍ଷା ଦିଗରେ ପ୍ରଶାସନର କାର୍ଯ୍ୟ କରୁନାହିଁ ବୋଲି ପାଦୁକା ଅଶ୍ରମର ଆଲୋକ ବାବା କହିବା ସହ ପର୍ଯ୍ୟଟନ ବିଭାଗ ଏହି ପବିତ୍ର କୁଣ୍ଡଗୁଡ଼ିକର ସୁରକ୍ଷା କରୁ ବୋଲି ସେ ଦାବି କରିଛନ୍ତି। ଏନେଇ ବିଏମ୍‌ସି ଜେଡିସି ରାକେଶ କୁମାର ପାତ୍ର କହିଛନ୍ତି, ମେଳା ପାଇଁ ସମସ୍ତ ବ୍ୟବସ୍ଥା ହୋଇଛି। ସମସ୍ତ ଐତିହ୍ୟ କୁଣ୍ଡକୁ ପରିଷ୍କାର କରାଯାଉଥିବା ସେ ସୂଚନା ଦେଇଛନ୍ତି।


ଆକାଶ ଗଙ୍ଗା

## ୫ ସ୍ଥାନରେ ପାର୍କିଂ ବ୍ୟବସ୍ଥା

ଭୁବନେଶ୍ୱର, ୨।୨(ବନ୍ଦନା ସେଠୀ) – ଖଣ୍ଡଗିରି କୁମ୍ଭମେଳା ପାଇଁ ୫ଟି ସ୍ଥାନରେ ପାର୍କିଂସ୍ଥଳର ବ୍ୟବସ୍ଥା କରିଛି ବିଏମ୍‌ସି। ମେଳା ବୁଲିବାକୁ ଯାଉଥିବା ଲୋକେ ଜାଗମରା ହାଉସିଂବୋର୍ଡ, ଖଣ୍ଡଗିରି ଓଭରବ୍ରିଜ୍ ତଳ, ଖାରବେଳ ପାର୍କ ନିକଟ, ଚାରିଛକ ନିକଟ ଏବଂ ଖଣ୍ଡଗିରି ଥାନା ନିକଟ ପାର୍କିଂ ସ୍ଥଳରେ ଗାଡ଼ି ରଖିବେ। ଏଥିପାଇଁ ଟେଣ୍ଡର ମଧ୍ୟ ସରିଛି। ଖଣ୍ଡଗିରି ଓଭରବ୍ରିଜ୍ ତଳ ପାର୍କିଂ ସ୍ଥଳ ୧୧ଲକ୍ଷ ଟଙ୍କାରେ ନିଲାମ ହୋଇଥିବାବେଳେ ଖାରବେଳ ପାର୍କ ପାର୍କିଂ ୧ଲକ୍ଷ ୩୭ହଜାର, ଚାରିଛକ ନିକଟ ସ୍ଥାନ ୭୫ହଜାର ଏବଂ ଜାଗମରା ହାଉସିଂବୋର୍ଡ ୩ଲକ୍ଷ ୫୦ହଜାର ଟଙ୍କାରେ ନିଲାମ ହୋଇଛି। ତେବେ ଥାନା ନିକଟ ପାର୍କିଂ ସ୍ଥାନ ପାଇଁ ପୂର୍ବରୁ ହୋଇଥିବା ନିଲାମରେ ବିଡରମାନେ ଟଙ୍କା ଡିପୋଜିଟ୍ କରି ନ ଥିବାରୁ ସୋମବାର ସ୍ପଟ୍ ଅକ୍ସନ କରାଯାଇ ପାର୍କିଂ ଲିଜ୍ ଦିଆଯିବ ବୋଲି ଦକ୍ଷିଣ ପଶ୍ଚିମ ଜୋନ୍‌ର ଜୋନାଲ ଡେପୁଟି କମିଶନର ରାକେଶ କୁମାର ପାତ୍ର ସୂଚନା ଦେଇଛନ୍ତି।

### ବଞ୍ଜାରାଙ୍କ ପ୍ରବେଶ ମନା, ମେଳା ଜଗିବ ଶହେ ସିସିଟିଭି

ଏବର୍ଷ ମେଳାରେ ବଞ୍ଜାରାଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇଛି। ଜଣେ ଅଧିକାରୀଙ୍କ ସୂଚନାନୁସାରେ, ଇତିମଧ୍ୟରେ ବଞ୍ଜାରାଙ୍କର ୩ଟି ଗାଡ଼ି ସିଜ୍ କରାଯାଇଛି। ରବିବାର ଆଉ ଏକ ଗାଡ଼ି ସିଜ୍ କରାଯାଇଥିବାବେଳେ ପୂର୍ବରୁ ସିଜ୍ ଗାଡ଼ିକୁ ଅଣ୍ଡରଟେକିଂ ଲେଖି ଛଡାଯାଇଛି। ଅନ୍ୟପକ୍ଷରେ ସାଧୁସନ୍ଥଙ୍କ ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ପାହାଡ଼ ଉପରେ ଅଚଳାବସ୍ଥାରେ ଥିବା ନଳକୂପର ମରାମତି କରିବା ସହିତ ସ୍ଥାୟୀ ଭାବେ ପାଇପ୍ ପାଣି ଯୋଗାଯାଇଛି। ଆବଶ୍ୟକସ୍ଥଳେ ଟେଣ୍ଟ ପକାଯାଇ ଲାଇଟ୍ ବ୍ୟବସ୍ଥା କରାଯାଇଛି। ମୋବାଇଲ୍ ଟଏଲେଟ୍ ଏବଂ ସାଧୁସନ୍ଥଙ୍କ ପାଇଁ ବାୟୋ-ଟଏଲେଟ୍‌ର ସୁବିଧା ରହିଛି। ସମ୍ପୂର୍ଣ୍ଣ ମେଳା ଉପରେ ନଜର ରଖିବା ପାଇଁ ୧ଶହ ସିସିଟିଭି କ୍ୟାମେରା ଲଗାଯାଇଥିବା ସୂଚନା ଦିଆଯାଇଛି।

### ୬୦୦ ଷ୍ଟଲ୍‌ରୁ ଆବଣ୍ଟନ ହୋଇଛି ୩୮୦

ଚଳିତଥର ମେଳାରେ ମୋଟ୍ ୬୦୦ ଷ୍ଟଲ୍ ପାଇଁ ସ୍ଥାନ ଥିବାବେଳେ ରବିବାର ସୁଦ୍ଧା ୩୮୦ଟି ଷ୍ଟଲ୍ ଆବଣ୍ଟନ କରାଯାଇଛି। ଗତବର୍ଷ ଷ୍ଟଲ୍ ସଂଖ୍ୟା ୩୬୦ ରହିଥିଲା। ନିଷ୍ପତ୍ତି ଅନୁଯାୟୀ, ଗତବର୍ଷର ବ୍ୟବସାୟୀଙ୍କୁ ଏଥର ପ୍ରାଥମିକତା ଦିଆଯାଇଥିବାବେଳେ ନୂତନ ଭାବେ ୬୦ ଜଣ ବ୍ୟବସାୟୀଙ୍କୁ ଷ୍ଟଲ୍ ଆବଣ୍ଟନ କରାଯାଇଛି। ଏଥର ୨ ପ୍ରକାରର ଷ୍ଟଲ୍ ଆବଣ୍ଟନ କରାଯାଇଛି। ୩୯୦ଟି ୭ଫୁଟ ଓସାର ଓ ୭ଫୁଟ ଲମ୍ବର ଷ୍ଟଲ ରହିଥିବାବେଳେ ଏହାର ଦାମ୍ ୯ହଜାର ୨୫୦ଟଙ୍କା ରହିଛି। ସେହିପରି ପାହାଡ଼ ନିକଟରେ ୨୧୦ଟି ୫ଫୁଟରେ ୫ଫୁଟ ପରିମିତ ଷ୍ଟଲ ରହିଥିବାବେଳେ ଦାମ୍ ୪ହଜାର ୭୨୦ ଟଙ୍କା ରହିଛି।

## 'ଅସ୍ତ୍ରରାଗ ପୋଥିଘର'ର ଲୋକାର୍ପଣ

ଭୁବନେଶ୍ୱର,୨।୨(ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ଅବସରପ୍ରାପ୍ତ ପୋଲିସ୍ ପଦାଧିକାରୀ କଲ୍ୟାଣ ସମିତିର ବରିଷ୍ଠ ନାଗରିକ ଓ ପାଠଗାର ଲୋକାର୍ପଣ ଉତ୍ସବ ସମିତିର ସଭ୍ୟ ସୂର୍ଯ୍ୟମଣି ତ୍ରିପାଠୀଙ୍କ ସଭାପତିତ୍ୱରେ ୟୁନିଟ୍-୧ ସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପୋଲିସ୍ ପଦାଧିକାରୀଙ୍କ ଲିଖିତ ପୁସ୍ତକଗୁଡ଼ିକୁ ନେଇ ସମିତିର ଏକ ପାଠାଗାର କରିବାକୁ ମା ସରସ୍ୱତୀ ଦେବୀଙ୍କ ପୁସ୍ତକ 'ଲାଲ ଘୋଡ଼ାର ସଇସ' ଏବଂ ପ୍ରାୟ ୨୧୪ ପୁସ୍ତକ ପୂଜା କରାଯାଇ ଲୋକାର୍ପଣ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ବାମନ ଚରଣ ପଣ୍ଡା, ସଭ୍ୟା ତପସ୍ୱିନୀ ଆରୁଖ୍‌ଙ୍କୁ 'ଅସ୍ତ୍ରରାଗ ପୋଥିଘର'ର ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ୍ୱର ବାହାଦୁର୍ ଖୁରାନିଆ ସମିତିର ପାଠାଗାର ଲୋକାର୍ପଣ ପାଇଁ ପଠାଇଥିବା ଶୁଭେଚ୍ଛା ଓ ଅଭିନନ୍ଦନ ବାର୍ତ୍ତାକୁ ସମିତିର ସଭାପତି ତ୍ରିପାଠୀ ପାଠ କରିଥିଲେ। ସାଧାରଣ ସମ୍ପାଦକ ବିଜୟ କୃଷ୍ଣ ମହାନ୍ତି ସମିତିର ସାରସ୍ୱତ ସହିତ୍ୟିକମାନଙ୍କୁ ଅଭିନନ୍ଦନ ଜଣାଇ ବରିଷ୍ଠ ନାଗରିକଙ୍କର ସମାଜରେ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ ବୋଲି ସମିତିର ସଂଗଠନ ସମ୍ପାଦକ ନୀଳମୋହନ ତ୍ରିପାଠୀ କହିଛନ୍ତି।


ଭୁବନେଶ୍ୱର କ୍ରାଉନ ହୋଟେଲଠାରେ ଆୟୋଜିତ ୪ଦିନିଆ ବ୍ରାଣ୍ଡେଡ୍ ସେଲ୍‌ର ରବିବାର ଦ୍ୱିତୀୟ ଦିନରେ ଗ୍ରାହକଙ୍କ ଭିଡ଼।

## ସ୍ତ୍ରୀ ସହ ମିଶି ବୃଦ୍ଧ ମା-ବାପାଙ୍କୁ ମାଡ ମାରିଲେ ପୁଅ

### ରାଜଧାନୀରେ ଅମାନବୀୟ ଘଟଣା

ଭୁବନେଶ୍ୱର,୨।୨(ସୂର୍ଯ୍ୟକାନ୍ତ ବେହେରା)

ବୃଦ୍ଧା ମା'ବାପାଙ୍କ ସେବା କରିବା ବଦଳରେ ସ୍ତ୍ରୀ ସହ ମିଶି ମାଡ ମାରି ନିର୍ଯାତନା ଦେଉଛନ୍ତି ପୁଅ। ଏପରିକି ପେନ୍‌ସନ ଟଙ୍କା ମଧ୍ୟ ଉଠାଇ ନେଉଛନ୍ତି। ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀବିହାରରେ ଏଭଳି ଅମାନବୀୟ ଘଟଣା ଘଟିଛି। ଏନେଇ ପୁଅବୋହୂଙ୍କ ବିରୋଧରେ ବାପା ରମେଶ ଚନ୍ଦ୍ର ଘଡେଇ ସ୍ଥାନୀୟ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ରମେଶଙ୍କ ଏଟିଏମ କାର୍ଡକୁ ପୁଅ ଛଡାଇ ନେଇ ମନଇଚ୍ଛା ଟଙ୍କା ଉଠାଇ ଖର୍ଚ୍ଚ କରୁଥିବାବେଳେ ସୁଖଦୁଃଖ ବୁଝୁ ନାହାନ୍ତି। ତେଣୁ ପୁଅଠାରୁ ଅଲଗା କରିଦେଲେ ସବୁଦିନ ପାଇଁ ଶାନ୍ତିରେ ରହିବେ ବୋଲି ସେ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଶେଷ ଘଟଣା ଅନୁସାରେ, ଜାନୁୟାରୀ ୩୦ରେ ରମେଶଙ୍କ ଝିଅକୁ ଅଭିଯୁକ୍ତ ପୁଅ କୌଣସି କାରଣକୁ ନେଇ ମାଡ ମାରିଥିଲେ। ଏହାକୁ ରମେଶ ବିରୋଧ କରିବା ସହ ଅଟକାଇବାକୁ ଚେଷ୍ଟା କରିଥିଲେ। ଏଥିରେ ଉତ୍ତକ୍ଷିପ୍ତ ହୋଇ ପୁଅ ମୋବାଇଲ ଛଡାଇନେବା ସହ ଗାଳିଗୁଲଜ କରି ବାପା ରମେଶ ଓ ମା'ଙ୍କୁ ଆକ୍ରମଣ କରିଥିଲେ। ଏହି ସମୟରେ ବୋହୂ ମଧ୍ୟ ଘଟଣାସ୍ଥଳକୁ ଆସି ଶଶୁର ରମେଶ ଓ ଶାଶୂଙ୍କୁ ମାଡ ମାରିଥିଲେ। ଏହା ଜାଣିବା ପରେ ପଡୋଶୀ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିବା ରମେଶ ଏତଲାରେ ଉଲ୍ଲେଖ କରିଛନ୍ତି।

## ସୂର୍ଯ୍ୟନଗରରେ ପ୍ଲାରିକସ୍ କ୍ଲିନିକ୍, ଫାର୍ମାସୀ ଖୋଲିଲା



ଭୁବନେଶ୍ୱର,୨।୨(ଅନୁରାଧା ମହାରଣା)

ସରସ୍ୱତୀ ପୂଜା ଅବସରରେ ରବିବାର ସୂର୍ଯ୍ୟନଗରରେ ପ୍ଲାରିକସ୍ ଆସ୍‌ଥେଟିକାର କ୍ଲିନିକ୍ ଓ ଫାର୍ମାସୀ ଖୋଲିଛି। ମୁଖ୍ୟ ଅତିଥି ଭାବେ ବିଏମ୍‌ସି ମେୟର ସୁଲୋଚନା ଦାସ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ଅଭିନନ୍ଦନ ଦାସ, ଖୋର୍ଦ୍ଧା ଭାଜପା ମଣ୍ଡଳର ସାଧାରଣ ସମ୍ପାଦକ ସୁବାସ ରାଉତ ଓ ଚନ୍ଦ୍ରଶେଖର ମଣ୍ଡଳର ଜୋନ୍ ମୁଖ୍ୟ ବିରଞ୍ଚି ନାରାୟଣ ନାୟକ ଯୋଗଦେଇଥିଲେ। କ୍ଲିନିକର ପ୍ରତିଷ୍ଠାତା ଡ. ଉନ୍ମେଷ ଜେନା ଓ ନିର୍ଦ୍ଦେଶକ ରୋଜାଲିନ୍ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ହାଇୱା ଧକ୍କାରେ ବୃଦ୍ଧ ମୃତ

### ମୃତଦେହ ରଖି ରାସ୍ତାରୋକୋ

ବାଲିଅନ୍ତା,୨।୨(ନୀଳମାଧବ ସାହୁ)

ବାଲିଅନ୍ତା ଥାନା ଅଧୀନ ପ୍ରତାପରୁଦ୍ରପୁରସ୍ଥିତ ଜୟଦେବ ହାଇସ୍କୁଲ ନିକଟରେ ରବିବାର ପୂର୍ବାହ୍ନରେ ଏକ ହାଇୱା ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଲିଅନ୍ତା ଥାନା ଅଧୀନ ପ୍ରତାପରୁଦ୍ରପୁର ପଞ୍ଚାୟତ ନୂଆସାହି ଗ୍ରାମର ପୀତବାସ ପଣ୍ଡା (୭୫)। ସେ ପ୍ରତାପରୁଦ୍ରପୁର ସେବା ସମବାୟ ସମିତିର ଅବସରପ୍ରାପ୍ତ କର୍ମଚାରୀ ଥିଲେ। ସ୍ଥାନୀୟ ଲୋକେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ପୋଲିସ ଖଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ଦୁର୍ଘଟଣା ଘଟାଇଥିବା ଗାଡ଼ିଟିକୁ ପୋଲିସ ଜବତ କରିବା ସହ ଚାଳକଙ୍କୁ ଅଟକ ରଖିଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ପରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ସୂଚନା ଅନୁଯାୟୀ, ପୀତବାସ ପଞ୍ଚାୟତ କାର୍ଯ୍ୟାଳୟ ଅଭିମୁଖେ ଯାଉଥିଲେ। ଏହି ସମୟରେ କାକରୁଦ୍ରପୁର ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ହାଇୱା ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଚକା ତଳେ ପଡ଼ି ଯାଇ ତାଙ୍କର ମୃତ୍ୟୁ ଘଟିଥିଲା। ସେ ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ଏହି ଘଟଣାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ ମୃତଦେହ ରଖି ଦୀର୍ଘ ୨ ଘଣ୍ଟା ରାସ୍ତା ଅବରୋଧ କରିଥିଲେ। ପୀତବାସଙ୍କ ପରିବାରକୁ ସହାୟତା ପ୍ରଦାନ ଓ ଦିନରେ ଏହି ରାସ୍ତାରେ ହାଇୱା ଗାଡ଼ି ଚଳାଚଳ ବନ୍ଦ ରଖିବା ଦାବିରେ ଆନ୍ଦୋଳନ କରିଥିଲେ। ଫଳରେ ପ୍ରତାପରୁଦ୍ରପୁର-କାକରୁଦ୍ରପୁର ରାସ୍ତାରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ କମିଶନରେଟ ପୋଲିସର ଜୋନ୍-୪ ଏସିପି ମାନସ ରଞ୍ଜନ ଦେଓ ଓ ବାଲିଅନ୍ତା ଥାନା ଅଧିକାରୀ ରବୀନ୍ଦ୍ରନାଥ ମେହେର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ସେମାନଙ୍କ ଦାବିକୁ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଜଣାଇ ଏହାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା। ପୋଲିସ ଓ ତହସିଲ ପକ୍ଷରୁ ୨୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା।

## ରାଜ୍ୟସ୍ତରୀୟ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ




ଭୁବନେଶ୍ୱର,୨।୨(ସୌମ୍ୟରଞ୍ଜନ ରାଉତ)

ହିନ୍ଦୁସ୍ଥାନୀ ସଂଗୀତ ସଭା ଆନୁକୂଲ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୨ଦିନିଆ ୫ମ ରାଜ୍ୟସ୍ତରୀୟ 'ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ' ରବିବାର ବୁଦ୍ଧ ମନ୍ଦିରଠାରେ ଆରମ୍ଭ ହୋଇଛି। ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଖୟାଲ ଶୈଳୀରେ ସରସ୍ୱତୀ ବନ୍ଦନା ଗାୟନ କରିଥିଲେ। ଏହା ପରେ ରଶ୍ମିରେଖା ଶର୍ମା ରାଗ-କାମୋଦ, ଶଶିକାନ୍ତ ସାହୁ ରାଗ-କେଦାର, ନର୍ମଦା ରାଉତରାୟ ରାଗ-ବାଗେଶ୍ରୀ ଓ ଗୁରୁ କରୁଣାକର ନାୟକ ରାଗ-କୌଶିକ କାନାଡାରେ ଖୟାଲ ଗାୟନ କରିଥିଲେ। ରାଗ-ନଟ ଭୈରବରେ ସୀତାର ବାଦନ କରିଥିଲେ ଗୁରୁ ସତ୍ୟବାନ ସେଠୀ ଓ ଏକକ ତବଲା ବାଦନ କରିଥିଲେ ସୁଭ୍ରାଂଶୁ ସାହୁ। ତବଲାରେ ଗୁରୁ ସୁଶାନ୍ତ କୁମାର ଜେନା ଓ ହାରମୋନିୟମରେ ସହଯୋଗ କରିଥିଲେ ଗୁରୁ କୁଞ୍ଜବିହାରୀ ନାୟକ।


ଉତ୍କଳ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକଠାରେ ସରସ୍ୱତୀ ପୂଜା ଅବସରରେ ଛାତ୍ରୀଛାତ୍ରମାନେ।

## ଦୁଇ ମିନିଟ୍ ଡେରି ହେବାରୁ ୱେଟରଙ୍କୁ ନିସ୍ତୁକ ମାଡ଼

### ହୋଟେଲରେ ନିଶାସକ୍ତ ଯୁବକଙ୍କ ଆତଙ୍କ

ଭୁବନେଶ୍ୱର,୨।୨(ସତ୍ୟଜିତ୍ ରାଉତ)

ଖାଦ୍ୟ ଦେବାରେ ଦୁଇ ମିନିଟ୍ ବିଳମ୍ବ ହେବାରୁ ହୋଟେଲରେ ହୋଇଛି ଆତଙ୍କ। ଗାଳିଗୁଲଜ କରିବା ସହ ୱେଟରଙ୍କୁ ନିସ୍ତୁକ ମାଡ ମାରିଛନ୍ତି। ଭରତପୁର ଥାନା ଅନ୍ତର୍ଗତ ନାକା ଗେଟ୍ ନିକଟ ଅଞ୍ଜଳି ହୋଟେଲରେ ଶନିବାର ଅପରାହ୍ନରେ ୫ଜଣ ଯୁବକ ଏହି କାଣ୍ଡ ଘଟାଇଥିବାବେଳେ ଆକ୍ରମଣରେ ୱେଟର ସତ୍ୟରଞ୍ଜନ ଦାସ ଆହତ ହୋଇଛନ୍ତି। ଏନେଇ ରବିବାର ଏତଲାକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତ ଯୁବକମାନେ ହୋଟଲକୁ ଆସି ମାଛ ଓ ଛତୁ ତରକାରି ମାଗିଥିଲେ। ୱେଟର ଜଣକ ଟେବୁଲ୍‌ରେ ଭାତ ଓ ଡାଲି ବାଢ଼ି ଦେଇଥିଲେ। ଅନ୍ୟ କର୍ମଚାରୀ ମାଛ ଓ ଛତୁ ତରକାରିକୁ ଗରମ କରୁଥିଲେ।



ତେବେ ସାମାନ୍ୟ ବିଳମ୍ବ ହେବାରୁ ଯୁବକମାନେ ଉତ୍ତକ୍ଷିପ୍ତ ହୋଇ ସଂଘବଦ୍ଧ ଭାବେ ୱେଟର ସତ୍ୟରଞ୍ଜନଙ୍କୁ ମାଡ ମାରିଥିଲେ। ଅନ୍ୟ କର୍ମଚାରୀମାନେ ଅଟକାଇବା ବେଳେ ଯୁବକମାନେ କିଛି ଶୁଣି ନ ଥିଲେ। ଆକ୍ରମଣରେ ସତ୍ୟରଞ୍ଜନଙ୍କ ମୁହଁରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଅଭିଯୁକ୍ତଙ୍କ ମଧ୍ୟରୁ କେତେଜଣ ଘାଟିକିଆ ଅଞ୍ଚଳର ବୋଲି ଜଣାପଡିଛି। ଏହି ଘଟଣାର ସିସିଟିଭି ଭିଡିଓ ଭାଇରାଲ ହେଉଥିବା ବେଳେ ପୋଲିସ ଅଭିଯୁକ୍ତଙ୍କୁ ଧରିବାକୁ ପ୍ରୟାସ ଜାରି ରଖିଛି।

## ଘର ଭିତରୁ ସୁନା, ଟଙ୍କା ଥିବା ଟ୍ରଙ୍କ୍ ନେଇଗଲେ ଚୋର

ଭୁବନେଶ୍ୱର,୨।୨(ସୂର୍ଯ୍ୟକାନ୍ତ ବେହେରା)

ଘର ତାଲା କାଟି ଭିତରେ ପଶିଲେ ଚୋର। ଟ୍ରଙ୍କ୍ ଟେକି ନେଇ ରାସ୍ତାରେ ଭାଙ୍ଗି ସେଥିରୁ ଟଙ୍କା ସହ ସୁନା ଓ ରୁପାଗହଣା ନେଇଗଲେ। ଭୁବନେଶ୍ୱର ବଡଗଡ ଥାନା ଅନ୍ତର୍ଗତ କେଶୁରା ଆଶୁତୋଷ ନଗରରେ ଏହି ଘଟଣା ଘଟିଥିବାବେଳେ ଘରର ମାଲିକ ସର୍ବେଶ୍ୱର ସାହୁଙ୍କ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏଥିସହ ଘର ତାଡ଼ିବାରେ ବ୍ୟବହୃତ ଏକ ଶାବଳ ଜବତ ହୋଇଛି। ସର୍ବେଶ୍ୱରଙ୍କ ଅଭିଯୋଗ ଅନୁସାରେ, ତାଙ୍କ ଘର ପ୍ରତିଷ୍ଠା ହୋଇଥିବାରୁ କିଛି ଟଙ୍କା ଓ ୪ ଲକ୍ଷ ଟଙ୍କାର ସୁନାଗହଣା ରଖାଯାଇଥିଲା। ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଏହି କାଣ୍ଡ ଘଟାଇଥିଲେ।

## ସଂକ୍ଷେପରେ

### ପିଲାଙ୍କୁ ସୁନାଗରିକ ଗଢ଼ି ତୋଳିବାରେ ମା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ବାଲୁଗାଁ,୨।୨(ସଂଗ୍ରାମ ପାଇକରାୟ)

ବାଲୁଗାଁ ଶ୍ରୀରାମ ନଗରଠାରେ ଅବସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସରସ୍ୱତୀ ପୂଜା ଏବଂ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ପୂଜା ସମ୍ପନ୍ନ ହେବା ପରେ ମାତୃ ସମ୍ମିଳନୀ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମ୍ପାଦକ ଅନନ୍ତ ପ୍ରସାଦ ସେଠୀ, ସଭାପତି ଦୁର୍ଯ୍ୟୋଧନ ସ୍ୱାଇଁ, ପ୍ରଧାନ ଆଚାର୍ଯ୍ୟ ପ୍ରହ୍ଲାଦ ଦାଶ, ସାମାଜିକ କର୍ମୀ ଦୁଷ୍ମନ୍ତ ହରିଚନ୍ଦନ, ସାମାଜିକ କର୍ମୀ ତପନ ପ୍ରଧାନ, ପରିଚାଳନା କମିଟିର ସମସ୍ତ ସଦସ୍ୟ, ଗୁରୁଜୀ ଗୁରୁମା' ପ୍ରମୁଖ ଯୋଗଦେଇଥିଲେ। ପିଲାମାନଙ୍କୁ ସମାଜରେ ଜଣେ ସୁନାଗରିକ ଭାବେ ଗଢ଼ି ତୋଳିବା ଦିଗରେ ମା'ମାନଙ୍କ ମୁଖ୍ୟ ଭୂମିକା ରହିଛି ବୋଲି ଅତିଥିମାନେ କହିଥିଲେ। ଏହି ମାତୃ ସମ୍ମିଳନୀରେ ୨୦୦ରୁ ଉର୍ଦ୍ଧ୍ୱ ମା' ଉପସ୍ଥିତ ଥିଲେ।

### କାଗଜମୁଖା ତାଲିମ: ସ୍ଥାନୀୟ କଳାକାରଙ୍କୁ ଉପେକ୍ଷା

ବେଗୁନିଆ,୨।୨(ସନ୍ଧ୍ୟାରାଣୀ ମିଶ୍ର)

ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ପାରମ୍ପରିକ କାଗଜମୁଖା ତାଲିମ କାର୍ଯ୍ୟକ୍ରମ ପାଇଁ ଆବେଦନ ଆହ୍ୱାନ କରାଯାଇଥିଲା। ବେଗୁନିଆ ବ୍ଲକ ବାଘମାରୀଠାରେ ତାଲିମ ଶିବିର ଆୟୋଜନ ହେବାର ଥିଲା। ଏହି କାର୍ଯ୍ୟକ୍ରମରେ ସାମିଲ ହେବାକୁ ବରିଷ୍ଠ ଶିଳ୍ପୀ ପ୍ରମୋଦ କୁମାର ପଣ୍ଡା ଆବେଦନ କରିଥିଲେ। ଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ତାଙ୍କ ଆବେଦନକୁ ସ୍ୱୀକାର କରାଯିବା ପରେ ସେ ସମସ୍ତ ଆବଶ୍ୟକତା ପୂରଣ ପାଇଁ ପ୍ରସ୍ତୁତି କରିଥିଲେ। ହେଲେ ଶେଷ ସମୟରେ ତାଲିମ ଶିବିରକୁ ବ୍ଲକ ବାହାରେ ଆୟୋଜନ କରାଯାଇଥିବା ବେଳେ ଜିଲ୍ଲା ବାହାରର ଜଣେ ମହିଳା ପ୍ରଶିକ୍ଷିକାଙ୍କୁ ତାଲିମ ପାଇଁ ନିୟୋଜନ କରାଯିବା ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ଆଞ୍ଚଳିକ ଶିଳ୍ପୀ ସଂଘର ସଂଯୋଜକ କଳ୍ପତରୁ ପଣ୍ଡା ଲିଖିତଭାବେ ହସ୍ତଶିଳ୍ପ ଉପ ନିର୍ଦ୍ଦେଶକ କାର୍ଯ୍ୟାଳୟ ଭୁବନେଶ୍ୱରକୁ ଜଣାଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ଫଳରେ ସେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ତୁରନ୍ତ ପ୍ରଶାସନ ପକ୍ଷରୁ ଏନେଇ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସଂଯୋଜକ ପଣ୍ଡା କହିଛନ୍ତି।

### କୁଶୁପଲ୍ଲା ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ୧୭ରୁ

ବେଗୁନିଆ,୨।୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲ୍ଲା ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଆସନ୍ତା ୧୭ତାରିଖରୁ ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ ସ୍ଥିର ହୋଇଛି। ଟୁର୍ନାମେଣ୍ଟରେ ଭାରତର ୮ଟି ପ୍ରମୁଖ ଫୁଟବଲ କ୍ଲବ ଅଂଶଗ୍ରହଣ କରିବେ। ପ୍ରଥମ ଦିବସ ମ୍ୟାଚ୍ ଭୁବନେଶ୍ୱରର ଘାଟିକିଆ ବଜରଙ୍ଗବାଲୀ ଫୁଟବଲ କ୍ଲବ ଏବଂ ଭଞ୍ଜନଗରର ମାର୍ଥା ଫୁଟବଲ କ୍ଲବ ମଧ୍ୟରେ ହେବ। ସେହିପରି ଦ୍ୱିତୀୟ ଦିବସରେ ସେଞ୍ଚୁରିଅନ ୟୁନିଭର୍ସିଟି ଭୁବନେଶ୍ୱର ଏବଂ ଜେଜେ କ୍ଲବ କଟକ ମଧ୍ୟରେ ହେବେ। ୧୯ ତାରିଖରେ ପ୍ରଥମ ସେମିଫାଇନାଲ ମ୍ୟାଚ ପରେ ୨୦ ତାରିଖରେ କୋଲକାତାର ହାଓଡା ଫ୍ରେଣ୍ଡସ କ୍ଲବ ଏବଂ ରାଞ୍ଚିର ଆକୁଆ ଫୁଟବଲ କ୍ଲବ ମଧ୍ୟରେ ମ୍ୟାଚ ହେବ। ୨୧ ତାରିଖରେ ଛତିଶଗଡ଼ର ବିଏମଓ୍ୱାଇ ଫୁଟବଲ କ୍ଲବ ଏବଂ ବିହାରର ମା' କାମାକ୍ଷା ଫୁଟବଲ କ୍ଲବ ମଧ୍ୟରେ ମ୍ୟାଚ ହେବ। ସେହିପରି ୨୨ତାରିଖରେ ଦ୍ୱିତୀୟ ସେମିଫାଇନାଲ ଏବଂ ୨୩ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ କୁହାଯାଇଛି।

# ବ୍ଲାଷ୍ଟିଂ ଅନୁମତି ନ ଥାଇ ଚାଲିଛି ପଥର ଚାଲାଣ

ବେଗୁନିଆ,୨।୨(ହର ପ୍ରସନ୍ନ ପଣ୍ଡା)

**ବେଗୁନିଆ ତହସିଲ**
- ଖନନ ପରେ ବାଲି ପକାଯାଇ ପୋତାଯାଉନି
- ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେବାକୁ ଦାବି



ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ଅଞ୍ଚଳରେ ପଥର ଚୋରାଚାଲାଣ ବଢ଼ିଚାଲିଛି। ପ୍ରଶାସନ ପକ୍ଷରୁ କେତେକ ପଥର ଖଣିକୁ ବ୍ଲାଷ୍ଟିଂ ପାଇଁ ଅନୁମତି ମିଳିନାହିଁ। ଏହାସତ୍ତ୍ୱେ କିପରି ବ୍ଲାଷ୍ଟିଂ ଚାଲିଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ତହସିଲ ଅଧୀନ ଦେଉଳି ଏବଂ ପରିଛଳ ଅଞ୍ଚଳରେ ଥିବା ପାହାଡ଼କୁ ମାଫିଆମାନେ କମ୍ପ୍ରେସର ସାହାଯ୍ୟରେ ଆମୋନିୟମ, ବାରୁଦ, ଡିନାମାଇଟ ଏବଂ ଜିଲୋଟିନ ବ୍ୟବହାର କରି ବିସ୍ଫୋରଣ କରୁଛନ୍ତି। ଐତିହ୍ୟସମ୍ପନ୍ନ ପାହାଡ଼କୁ ପଦା କରି କଳାମୁଗୁନି ପଥର ଉତ୍ତୋଳନ କରୁଛନ୍ତି। ପରେ ଏଥିରୁ ଚିପ୍ସ, ପଥର, ସ୍ଲାବ, ବଜୁରି କରି ବିଭିନ୍ନ ଅଞ୍ଚଳକୁ ଚୋରାଚାଲାଣ କରୁଥିବା ଅଭିଯୋଗ ହେଉଛି। ସେହିପରି ଡିଙ୍ଗର, ରାଉତପଡ଼ା, ଦକ୍ଷିଣେଶ୍ୱର, ବରପଦା, ବିଞ୍ଝିଣି, ଗୌଡିଆପଡ଼ା, କୋଟଲାଙ୍ଗ, ଡାଲତୋଳା, ନିଆଁମୁହାଁ, ଲୋକିପୁର, ଗୁଡୁମ ଆଦି ଅଞ୍ଚଳରେ ୯୦୦ରୁ ଉର୍ଦ୍ଧ୍ୱ ଏକର ବେଆଇନ ମାଙ୍କଡ଼ା ପଥର ଖଣି ରହିଛି। ସେଥିରୁ ୪୦୦ରୁ ଉର୍ଦ୍ଧ୍ୱ ଏକର ପଥର ଖଣିରୁ ପଥର କାଟି ନିଆଯାଇଥିବା ବେଳେ ତାହାକୁ ବାଲିରେ ପୋତାଯିବାକୁ ନିୟମ ରହିଥିଲେ ମଧ୍ୟ ପୋତାଯାଇ ନାହିଁ। ଫଳରେ ଏହି ଖଣିରୁ ଏବେବି ଦିନରାତି ଯନ୍ତ୍ରାଂଶ ମାଧ୍ୟମରେ ପଥର କଟା ଚାଲିଛି। ସେହିପରି ପୁରୁଣା ଓ ନୂଆଖଣିରୁ ମଧ୍ୟ ପଥର କଟାଯାଉଛି। ସରକାରୀ ନିୟମକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି। ଶ୍ରୀମନ୍ଦିର ପ୍ରଶାସନର କେତେକ ଖଣି ନିଲାମ ବନ୍ଦ ଥିବା ସତ୍ତ୍ୱେ ଅବାଧରେ ଉତ୍ତୋଳନ କରାଯାଉଛି। ଖଣି ଖନନକୁ ବିରୋଧ କରି ଗ୍ରାମବାସୀ ଏବଂ ମାଫିଆଙ୍କ ମଧ୍ୟରେ ବିବାଦ ଦେଖାଦେଉଛି। ବାରମ୍ବାର ଅଭିଯୋଗ ପରେ ଲୋକଦେଖାଣିଆ ପ୍ରଶାସନ ପକ୍ଷରୁ ଚଢ଼ାଉ ଏବଂ ଜରିମାନା ଆଦାୟ କରାଯାଉଛି। ତେବେ ଏହି ପଥର ଚୋରାଚାଲାଣ ସମ୍ପର୍କରେ ପ୍ରଶାସନ ଜାଣି ନୀରବ ରହୁଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ତହସିଲଦାର ତାପସ ବିଶି କହିଛନ୍ତି, ପଥର ଚୋରାଚାଲାଣ ଏକପ୍ରକାର ଠପ୍ ହୋଇଯାଇଛି। ଦୈନିକ ଚଢ଼ାଉ କରାଯିବା ସହ ଜରିମାନା ଆଦାୟ କରାଯାଉଛି।

# ଆକ୍ରମଣ ମାମଲା: ଅଭିଯୁକ୍ତଙ୍କୁ ବର୍ଷେ ଜେଲ

ବାଲୁଗାଁ,୨।୨(ସଂଗ୍ରାମ ପାଇକରାୟ)

ଏକ ଜାଗାବାଡ଼ିକୁ କେନ୍ଦ୍ରକରି ଆକ୍ରମଣ ମାମଲାର ବିଚାର କରି ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ବିଚାରପତି ଯୁଧିଷ୍ଠିର ଦଳେଇ ଗତ ୨୮ ତାରିଖରେ ଜଣେ ଅଭିଯୁକ୍ତଙ୍କୁ ୧ବର୍ଷ ଜେଲ ଦଣ୍ଡାଦେଶ ସହ ୧ହଜାର ଟଙ୍କା ଜରିମାନା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ହେଲେ ଟାଙ୍ଗୀ ଥାନା ଅଧୀନ ସୋରଣ ଗ୍ରାମର ନିରଞ୍ଜନ ମୁଦୁଲି (୪୫)। ଜରିମାନା ଅନାଦାୟ ଅତିରିକ୍ତ ୧ମାସ ଜେଲଦଣ୍ଡ ନିର୍ଦ୍ଦେଶ ରହିଛି।

ସୋରଣ ଗ୍ରାମର କୀର୍ତ୍ତନ ମୁଦୁଲିଙ୍କ ଏକ ଜାଗାବାଡ଼ିକୁ ନେଇ ଉକ୍ତ ଗ୍ରାମର ନିରଞ୍ଜନଙ୍କ ପରିବାର ସହ ବିବାଦ ଲାଗି ରହିଥିଲା। ୨୦୨୪ ସେପ୍ଟେମ୍ବର ୧୪ ତାରିଖ ପୂର୍ବାହ୍ନ ୯ଟାରେ ନିରଞ୍ଜନ ଏବଂ ତାଙ୍କ ସମ୍ପର୍କୀୟ ଶାବଳ, ଫାଉଡ଼ା ଓ କଟୁରି ଧରି ଜୋରଜବରଦସ୍ତ ଉକ୍ତ ଜାଗାର ବାଡ଼କୁ ଭାଙ୍ଗିଥିଲେ। କୀର୍ତ୍ତନ ଏହାର ପ୍ରତିବାଦ କରିବାରୁ ଉତ୍‌କ୍ଷିପ୍ତ ହୋଇ ନିରଞ୍ଜନ ଆଣିଥିବା ମାରଣାସ୍ତ୍ରରେ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ କୀର୍ତ୍ତନ ଗୁରୁତର ଆହତ ହୋଇଥିଲେ। ଏନେଇ କୀର୍ତ୍ତନଙ୍କ ସ୍ତ୍ରୀ ସୁମିତ୍ରାଙ୍କ ଅଭିଯୋଗକ୍ରମେ ଟାଙ୍ଗୀ ଥାନାରେ ଏକ ମାମଲା (ନଂ.୫୩୦/୨୪) ରୁଜୁ ହେବା ସହ ଚିଲିକା କୋର୍ଟରେ ବିଚାରାଧୀନ ଥିଲା। ବିଚାରପତି ଦଳେଇ ଭାରତୀୟ ନ୍ୟାୟ ସଂହିତା ଧାରା ୩୨୩ରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ରାୟ ଶୁଣାଇଥିଲେ। ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କୈଳାସ ଚନ୍ଦ୍ର ନାଥ ଏହି ମାମଲା ପରିଚାଳନା କରିଥିଲେ।

ସୂଚନାଥାଉ କି, ଏହି ଘଟଣାରେ ନିରଞ୍ଜନଙ୍କ ସ୍ତ୍ରୀ ଡଲିରାଣୀଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିବା ଅଭିଯୋଗ କ୍ରମେ ବିଚାରପତି ଦଳେଇ ଅନୁରୂପଭାବେ ଅଭିଯୁକ୍ତ କୀର୍ତ୍ତନଙ୍କୁ ନ୍ୟାୟ ସଂହିତା ଧାରା ୩୨୩ ଅନୁଯାୟୀ ୧ବର୍ଷ ଜେଲ ଦଣ୍ଡାଦେଶ ଏବଂ ୧ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଥିଲେ।

# ସମାଜରେ ସଂସ୍କାର ଆଣିବାକୁ ଶିକ୍ଷା ଏକ ଆଧାର




କଲେଜର ମୁଖପତ୍ର 'ଚିତ୍ରକୂଟ' ଏବଂ ବାର୍ଷିକ କ୍ୟାଲେଣ୍ଡର ଉନ୍ମୋଚନ ଅବସରରେ ଅତିଥିମାନେ।

ନିରାକାରପୁର,୨।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତରେ ଥିବା ସର୍ବପୁରାତନ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ପ୍ରତିଷ୍ଠାତା ଦାନବୀର କ୍ଷେତ୍ରବାସୀ ରାଉତରାୟଙ୍କ ୧୩୦ତମ ଜୟନ୍ତୀ ଏବଂ କଲେଜର ୬୬ତମ ସାମ୍ବତ୍ସରିକ ଉତ୍ସବ ଅଧ୍ୟକ୍ଷ ବ୍ରତତୀ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଉଚ୍ଚ ଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଡ. ଧରଣୀଧର ନନ୍ଦ, ମୁଖ୍ୟବକ୍ତା ଡ. ବେଦୁଲା ରାମଲକ୍ଷ୍ମୀ ଯୋଗଦେଇ କହିଥିଲେ, ସମାଜରେ ସଂସ୍କାର ଆଣିବା ନିମନ୍ତେ ଶିକ୍ଷା ଏକ ଆଧାର। ସ୍ୱାଧୀନତା ପ୍ରାପ୍ତି ପରେ ଏହି ସତ୍ୟକୁ ବୁଝି ଯେଉଁ ଦୂରଦର୍ଶୀ ସାଧକଗଣ ଶିକ୍ଷାନୁଷ୍ଠାନ ଗଢ଼ିଥିଲେ, ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଏକ ଜାତୀୟ କର୍ତ୍ତବ୍ୟ। ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତାଙ୍କ ଅଣନାତି ଶାନ୍ତନୁ କୁମାର ରାଉତରାୟଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କଲେଜର ମୁଖପତ୍ର 'ଚିତ୍ରକୂଟ' ଏବଂ କଲେଜର ବାର୍ଷିକ କ୍ୟାଲେଣ୍ଡରକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ପୁଣ୍ୟଦର୍ଶନ ସାହୁ, ଅଧ୍ୟାପକ ସୌରଭ ମହାପାତ୍ର, ଅଧ୍ୟାପକ ଅଶୋକ ପାତ୍ର, ଅଧ୍ୟାପକ ଡ. କୈବଲ୍ୟ ଚରଣ ପତି, ସୁକାନ୍ତ ପଟ୍ଟନାୟକ, ମାନସ ରଞ୍ଜନ ମହାନ୍ତି, ଡ. ଜୟନ୍ତ ବାନାର୍ଜୀଙ୍କ ସମେତ କଲେଜର ଅଧ୍ୟାପକ, ଅଧ୍ୟାପିକା ସହଯୋଗ କରିଥିଲେ। ଶେଷରେ କମିଟିର ସଂଯୋଜକ ଚନ୍ଦନ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

# ବ୍ରହ୍ମାକୁମାରୀଙ୍କ ଶାନ୍ତିର ବାର୍ତ୍ତା କାର୍ଯ୍ୟକ୍ରମ

ଖୋର୍ଦ୍ଧା,୨।୨(ପ୍ରଭାତ ପାଣିଗ୍ରାହୀ)

ବ୍ରହ୍ମାକୁମାରୀ ସେବାକେନ୍ଦ୍ରର ସଞ୍ଚାଳିକା ଅନୁରାଧା ଭଉଣୀଙ୍କ ସଂଯୋଜନାରେ ଆଧ୍ୟାତ୍ମିକ ସଚେତନତା କାର୍ଯ୍ୟକ୍ରମ ଶାନ୍ତିର ବାର୍ତ୍ତା ଗୋଡ଼ିପୋଖରୀ ଛକସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ସେବାକେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରାଜ୍ୟ ସରକାରଙ୍କ ପଶୁ ସମ୍ପଦ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡା. ସତ୍ୟ ରଞ୍ଜନ ରାଉତ ଯୋଗଦେଇ ପତାକା ଦେଖାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥଲେ। ବ୍ରହ୍ମାକୁମାର ଜୟକୃଷ୍ଣ ଭାଇ ଅତିଥିଙ୍କୁ ସ୍ୱାଗତ କରିବା ସହିତ ଖୋର୍ଦ୍ଧା ଜିଲ୍ଲାକୁ ନିଶାମୁକ୍ତ ଏବଂ ଉତ୍ତେଜନାମୁକ୍ତ କରିବା ପାଇଁ ଆତ୍ମା ସଚେତନତା ଜରୁରୀ ବୋଲି କହିଥିଲେ। ଅନୁପମା ଛୋଟରାୟ ଶିବଙ୍କ ଭଜନ ଗାନ କରି ଶିବ ପୂଜନ କରିଥିଲେ। କୈଳାସ ନାୟକ ଶିବ ମହିମା ଗାନ କରିଥିଲେ। ପରେ ଗୁରୁଜଙ୍ଗ ଧବଳେଶ୍ୱରଙ୍କ ପୀଠ ଏବଂ ମହାବୀର ଲେନରେ ଥିବା ବ୍ରହ୍ମାକୁମାରୀ ପାଠଶାଳାରେ ଶିବଙ୍କୁ ପୁଷ୍ପମାଲ୍ୟ ସମର୍ପଣ କରାଯାଇଥିଲା। କାଉନ୍‌ସିଲର ବିଦ୍ୟୁଲତା ସାହୁ ଅତିଥିଭାବେ ଯୋଗଦେଇ ଶୁଭେଚ୍ଛା ଜଣାଇଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସଞ୍ଚାଳିକା ଅନୁରାଧା ଭଉଣୀ କହିଛନ୍ତି।

# ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ



କାର୍ଯ୍ୟକ୍ରମରେ କୋଣାର୍କ ସାହିତ୍ୟ ସଂସଦର କର୍ମକର୍ତ୍ତା ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୨।୨(ପ୍ରଭାତ ପାଣିଗ୍ରାହୀ)

ନବୀନାବାଗସ୍ଥିତ କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ବିଡିଏ କଲୋନୀସ୍ଥିତ ଗାୟତ୍ରୀ ଶକ୍ତିପୀଠ ପରିସରରେ କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କ ୩୪୬ତମ ଜୟନ୍ତୀ ଐତିହାସିକ ସତ୍ୟବାଦୀ ବଳିୟାରସିଂହଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ସମ୍ପାଦକ ନାରାୟଣ ଦାସ କହିଥିଲେ, ଉପେନ୍ଦ୍ର ଭଞ୍ଜଙ୍କର ଭାରତୀୟ ସଂସ୍କୃତି ଏବଂ ହିନ୍ଦୁ ସନାତନ ପରମ୍ପରା ପ୍ରତି ଅତୁଟ ସମ୍ମାନ ତାଙ୍କ କାବ୍ୟ କବିତାରୁ ଜଣାପଡ଼େ। ପ୍ରଫେସର ଡ. ଶରଚ୍ଚନ୍ଦ୍ର ମହାପାତ୍ର କହିଥିଲେ, ତୁଳସୀ ଦୁଇପତ୍ରରୁ ବାସିଲା ପରି ବାଲ୍ୟକାଳରୁ ତାଙ୍କ ପ୍ରତିଭାର ପରିଚୟ ମିଳିଥିଲା। ସେ ଖୁବ୍ ଅଳ୍ପ ସମୟରେ ସଂସ୍କୃତ ସାହିତ୍ୟକୁ କରାୟତ୍ତ କରିପାରିଥିଲେ। ବ୍ୟାକରଣ, କାବ୍ୟ ନାଟକ, ଅଳଙ୍କାର, ଜ୍ୟୋତିଷ, ଆୟୁର୍ବେଦ ବିଜ୍ଞାନ, ଦର୍ଶନ ଆଦି ଶାସ୍ତ୍ରରେ ଅସାଧାରଣ ପାଣ୍ଡିତ୍ୟ ହାସଲ କରିଥିଲେ। ଆମରି ସତ୍ୟର ଡ. ପ୍ରମୋଦ ଚନ୍ଦ୍ର ଦାଶ କହିଥିଲେ, ସମଗ୍ର ଭାରତକୁ ନିଜ ମାନସ ଚକ୍ଷୁକୁ ଆଣି ଉପେନ୍ଦ୍ର ଭଞ୍ଜ ଯେଉଁ ସାରସ୍ୱତ ସୃଷ୍ଟି କରିଯାଇଛନ୍ତି, ତାଙ୍କୁ ଭାରତୀୟ ସାହିତ୍ୟ ଦରବାରରେ ଉପଯୁକ୍ତ ସ୍ଥାନ ମିଳିବା ଦରକାର। ସେହିପରି ପ୍ରଫୁଲ୍ଲ କୁମାର ସାମନ୍ତରାୟ କହିଥିଲେ, ବୈଦେହୀଶ ବିଳାସ ଯଦି ସେ ସମୟରେ ଇଂଲିଶରେ ଅନୂଦିତ ହୋଇଥାନ୍ତା, ତେବେ ଉପେନ୍ଦ୍ର ଭଞ୍ଜ ନୋବେଲ ପୁରସ୍କାର ପାଇପାରିଥାନ୍ତେ। ଡ.ବୃନ୍ଦାବନ ପଣ୍ଡା, ଜ୍ଞାନ ରଞ୍ଜନ ଦାଶ, ରାଜେନ୍ଦ୍ର କୁମାର ନରେନ୍ଦ୍ର, ବିକ୍ରମ କେଶରୀ ଚମ୍ପତି, ସମରଜିତ ପଟ୍ଟନାୟକ, ନଳିନୀ ଦାଶ, ବିଦ୍ୟାଧର ଲେଙ୍କା ପ୍ରମୁଖ ବକ୍ତବ୍ୟ ରଖିଥିଲେ। କବି ଗୋବିନ୍ଦ ଚନ୍ଦ୍ର ମହାରଣା, ଶାନ୍ତିଲତା ଦେବୀ ଏବଂ ଡ.ଚପଳା କୁମାରୀ ପଣ୍ଡାଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା। ଦିବ୍ୟଲୋଚନ ଭାରିମଲ୍ଲ, ରାଜକିଶୋର ବଳିୟାରସିଂହ, ନୀଳାଦ୍ରି ନାଥ ଜଗଦେବ, କୈଳାସ ଚନ୍ଦ୍ର ପୃଷ୍ଟି, ଜ୍ୟୋତ୍ସ୍ନାରାଣୀ ମହାରଣା, ବଂଶୀଧର ଦାସ, ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ କବିତା ପାଠ କରିଥିଲେ। କବି ଗୋବିନ୍ଦ ଚନ୍ଦ୍ର ମହାରଣା ଏବଂ ଜ୍ୟୋତିରଞ୍ଜନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଇତିଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ।

# ମା'ଭଗବତୀଙ୍କୁ ନିମନ୍ତ୍ରଣ କଲେ ରଙ୍ଗନାଥ ଦେବ



ବାଣପୁର,୨।୨(ଦିଲୀପ ସ୍ୱାଇଁ ): ବସନ୍ତ ପଞ୍ଚମୀ ଅବସରରେ ରବିବାର ବାଣପୁରର ଆରାଧ୍ୟ ଶ୍ରୀରଙ୍ଗନାଥ ଦେବ ଦୋଳପର୍ବରେ ଯୋଗଦେବାକୁ ମା' ଭାଗବତୀଙ୍କୁ ନିମନ୍ତ୍ରଣ କରିଛନ୍ତି। ମଧ୍ୟାହ୍ନରେ ଶଙ୍କୁଡ଼ି ଧୂପ ପରେ ରଙ୍ଗନାଥ ଦେବଙ୍କ ଚଳନ୍ତି ପ୍ରତିମା ମଦନମୋହନ ଦୋଳ ବିମାନରେ ବସି ଘଣ୍ଟଘଣ୍ଟା କାହାଳୀ ଛତ୍ରି ତରାଶ ମଶାଲରେ ମା' ଭଗବତୀଙ୍କୁ ନିମନ୍ତ୍ରଣ କରିବାକୁ ଅପରାହ୍ଣ ୧ଟାରେ ଦକ୍ଷେଶ୍ୱର ମନ୍ଦିରଠାରେ ବିଜେ କରିଥିଲେ। ସେଠାରେ ମା' ଭଗବତୀ କାଠି ଠାକୁରାଣୀଙ୍କ ସହିତ ଏକତ୍ର ଉପବେଶନ କରିଥିଲେ। ପୂଜକ ପ୍ରକାଶ ମହାପାତ୍ର ଉଭୟ ଦୁର୍ଗାମାଧବଙ୍କୁ ପଞ୍ଚୋପଚାରରେ ପୂଜାର୍ଚ୍ଚନା କରାଇ ଖଇ ନଡ଼ିଆ ପାତି, ଗଜାମୁଗାଁ, ଫଳ ଆଦି ଧୂପ ପରେ ଆଳତି ବନ୍ଦାପନା ବଢ଼ାଇଥିଲେ। ପରେ ଦୁର୍ଗା ଏବଂ ମାଧବଙ୍କ ମଧ୍ୟରେ ପରସ୍ପରଠାରେ ଅବିର ଲାଗି କରାଯାଇ ଦୋଳରେ ଚାଚେରି ଖିଆ ପାଇଁ ନିମନ୍ତ୍ରଣ କରିଥିଲେ। ଉତ୍କଳର ସର୍ବତ୍ର ଦୋଳପର୍ବରେ ଦୋଳ ଗୋବିନ୍ଦଙ୍କ ଚାଚେରି ଖିଆ ଥିବା ବେଳେ ବାଣପୁରର ଆରାଧ୍ୟା ମା' ଭଗବତୀ ଚାଚେରି ଖିଆରେ ଗ୍ରାମ ପରିକ୍ରମା କରୁଥିବା ପରମ୍ପରା ରହିଛି। ଦୋଳ ପୂର୍ଣ୍ଣମୀରେ ମା' ଭଗବତୀ ନିକଟ ଶାସନ ବାଡ଼ିମାନଙ୍କରେ ଚାଚେରି ଖାଇ ବାପଘର ପରିଛାଙ୍କ ଘରେ ଦହିପଖାଳ, ମାଛଭଜା ସହିତ ବିଭିନ୍ନ ବିବ୍ୟଞ୍ଜନ ଲାଗି ହେବାର ବିଧି କାହିଁ କେଉଁକାଳରୁ ଚାଲିଆସିଛି।

# ଖୋର୍ଦ୍ଧା ଜିଲା କନିଷ୍ଠ ଇଣ୍ଟ୍ରା କ୍ଲବ କ୍ରିକେଟ: କେଟି ଗ୍ଲୋବାଲ ବିଜୟୀ

ଖୋର୍ଦ୍ଧା,୨।୨(ପ୍ରଭାତ ପାଣିଗ୍ରାହୀ)

କ୍ରିକେଟ ଆସୋସିଏଶନ ଅଫ୍ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧା ଆନୁକୂଲ୍ୟରେ ସ୍ଥାନୀୟ ବିଜେବି ହାଇସ୍କୁଲ ଖେଳପଡିଆରେ ଚାଲିଥିବା ଖୋର୍ଦ୍ଧା ଜିଲା କନିଷ୍ଠ ଇଣ୍ଟ୍ରା କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଏକାଦଶ ଦିବସ ମ୍ୟାଚ୍ କେଟି ଗ୍ଲୋବାଲ କ୍ଲବ ଏବଂ ରାଇଜିଂଷ୍ଟାର କ୍ଲବ କୁମାରବସ୍ତ ମଧ୍ୟରେ ହୋଇଥିଲା। ଟସ୍ ଜିତି କେଟି ଗ୍ଲୋବାଲ କ୍ଲବ ପ୍ରଥମେ ବ୍ୟାଟିଂ କରି ୩୫.୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୪୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରଜ୍ଞାନ ପତି ୫୯, ଇଭାନ କଳାପାହାଡ଼ ୨୪ ରନ କରିଥିଲେ। ଜବାବରେ ରାଇଜିଂଷ୍ଟାର କ୍ଲବ ୧୯.୧ ଓଭରରେ ସମସ୍ତ ଉଇକେଟ ବିନିମୟରେ ୫୨ରନ ସଂଗ୍ରହ କରି ପରାଜିତ ହୋଇଥିଲା। କେଟି ଗ୍ଲୋବାଲ କ୍ଲବ ପକ୍ଷରୁ ରୋହିତ ଚୌଧୁରୀ ୫ଟି ଉଇକେଟ ନେଇଥିଲେ। ପ୍ରୀତିରଞ୍ଜନ ବିଜୟସିଂ ଏବଂ ଚନ୍ଦ୍ରମୋହନ ବରାଳ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଜିତେନ୍ଦ୍ର ସେନାପତି ସ୍କୋରର ଭାବେ ଦାୟିତ୍ୱ ତୁଲାଇଥିଲେ। ସୌମେନ୍ଦ୍ର ମହାନ୍ତି ମ୍ୟାଚ୍ ରେଫରି ଏବଂ ଦେବ ପ୍ରସାଦ ସାମନ୍ତରାୟ ସଂଯୋଜକ ଭାବେ କାର୍ଯ୍ୟ କରିଥିଲେ। ସୋମବାର ଖୋର୍ଦ୍ଧା କ୍ରିକେଟ କ୍ଲବ ଏବଂ ଇଗଲ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍ ହେବ ବୋଲି ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ କହିଛନ୍ତି।

# ପଞ୍ଚାୟତ ପ୍ରିମିୟର କ୍ରିକେଟ ଲିଗ୍ | ମା' ୱାରିୟର୍ସ ଡିହପୁର ଚାମ୍ପିୟନ

ଖୋର୍ଦ୍ଧା,୨।୨(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ବ୍ଲକ ଅଧୀନ ରାଇରଙ୍ଗଠାରେ ଚାଲିଥିବା ୧୨ଶ ପଞ୍ଚାୟତ ପ୍ରିମିୟର ଲିଗ୍‌ରେ ମା' ୱାରିୟର୍ସ ଡିହପୁର ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ଫ୍ରେଣ୍ଡସ ଏକାଦଶ ବାଜପୁର ଏବଂ ମା' ୱାରିୟର୍ସ ଡିହପୁର ମଧ୍ୟରେ ହୋଇଥିଲା। ଟସ୍ ଜିତି ମା' ୱାରିୟର୍ସ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୧୭୮ରନ ସଂଗ୍ରହ କରିଥିଲା। ଜବାବରେ ଫ୍ରେଣ୍ଡସ ଏକାଦଶ ୧୩୮ରନ ସଂଗ୍ରହ କରି ପରାଜିତ ହୋଇଥିଲା। ମା' ୱାରିୟର୍ସ ଟିମର ଚନ୍ଦ୍ରକାନ୍ତ ପ୍ରଧାନ ମ୍ୟାନ ଅଫ ଦି ମ୍ୟାଚ ଏବଂ ଅଫ୍ରୋଜ ଅଲ୍ଲୀ ମ୍ୟାନ ଅଫ ଦି ସିରିଜ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ବାଜପୁର ଗ୍ରାମ ସମିତିସଭ୍ୟ ଦ୍ୱାରିକା ମହାନ୍ତି, ଅକ୍ଷୟ କୁମାର ଦାସ, ସନ୍ତୋଷ ବାବୁ, ପ୍ରିମିୟର ଲିଗର ଚେୟାରମ୍ୟାନ ମନୋରଞ୍ଜନ ମାନସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଫୁଟ୍‌ବଲ: ବାଙ୍କୀ ଟାଉନ କ୍ଲବ ସେମିରେ

ବାଘମାରୀ,୨।୨(ମିହିର ରଞ୍ଜନ ମହାପାତ୍ର)

ସିମୋର ପଞ୍ଚାୟତ ଅନ୍ତର୍ଗତ କଣ୍ଟାମଳିମ ଖେଳପଡ଼ିଆରେ ଜୟଦୁର୍ଗା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ୩୦ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଭାଜପା ନେତା ପ୍ରକାଶ ରଣବିଜୁଳି ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ଜ୍ଞାନରଞ୍ଜନ ମାନସିଂହ, ଯୋଗେଶ୍ୱର ପଣ୍ଡା, ସମୀର କୁମାର ଦାସ, ମାନସ ରଞ୍ଜନ ରାଉତରାୟ, ଗ୍ରାମ୍ୟ କମିଟି ସଭାପତି ଜନ୍ମେଶ୍ୱର ରାଉତରାୟ, ଉପସଭାପତି ଅଜୟ କୁମାର ମାର୍ଥା, ସମ୍ପାଦକ ଆର୍ତ୍ତବନ୍ଧୁ ମାଝୀ, କୋଷାଧ୍ୟକ୍ଷ ବାଉରି ବନ୍ଧୁ ପାଇକରାୟ, ଜଗଦୀଶ ପାତ୍ରଙ୍କ ସମେତ କମିଟିର ସଦସ୍ୟମାନେ ଅତିଥିଭାବେ ଯୋଗଦେଇଥିଲେ। ପ୍ରଥମ ମ୍ୟାଚ୍ ବାଙ୍କୀ ଟାଉନ କ୍ଲବ ଏବଂ ଗୋପାଳପୁର ମହାବୀର ସ୍ପୋର୍ଟିଂ କ୍ଲବ ମଧ୍ୟରେ ହୋଇଥିଲା। ବାଙ୍କୀ ଟିମ୍ ୩ଟି ଗୋଲ ଦେଇଥିବା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ଗୋପାଳପୁର ଟିମ୍ କୌଣସି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ବାଙ୍କୀ ଟିମ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଫୁଲ୍ଲ କୁମାର ବେହେରା ରେଫରିଭାବେ ଦାୟିତ୍ୱ ତୁଲାଇଥିବା ବେଳେ ସଗିର ଅହମ୍ମଦ, ସୌକତ ଅହମ୍ମଦ ଏବଂ ଶାହରୁଖ ଖାନ ସହଯୋଗ କରିଥିଲେ। ଦୟାନ ଖାଁ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ସୋମବାର କଟକ ଶଙ୍ଖାମାରୀ ବାପୁଜୀ ସ୍ପୋର୍ଟିଂ କ୍ଲବ ଏବଂ ତଳଖାତା ଶବର ସ୍ପୋର୍ଟିଂ କ୍ଲବ ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## ବାଗ୍‌ଦେବୀଙ୍କୁ ଆରାଧନା



ଖୋର୍ଦ୍ଧା ପ୍ରେସ୍ କ୍ଲବ।



ନିରାକାରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର।



ରାମଚନ୍ଦ୍ରପୁର ବଜାରସ୍ଥିତ ଆଶା ପ୍ଲେ ସ୍କୁଲ।



କୃଷ୍ଣପ୍ରସାଦ ବ୍ରାହ୍ମଣଦେଓ ସାନସାହି।



ଜଟଣୀ ସରସ୍ୱତୀ ଶିଶୁ ମନ୍ଦିର।



ଚାନ୍ଦପୁର ଅଞ୍ଚଳର ଏକ ଅନୁଷ୍ଠାନରେ ସରସ୍ୱତୀ ପୂଜା ।

### କଳିଙ୍ଗ ବିକାଶ ପାଠାଗାର ଉଦ୍‌ଘାଟିତ

ଚୌଦ୍ୱାର,(ଆଶୁତୋଷ ଦାସ): ସ୍ଥାନୀୟ କଳିଙ୍ଗ ବିକାଶ ତାଲିମକେନ୍ଦ୍ର ଆନୁକୂଲ୍ୟରେ ଚୌଦ୍ୱାର ଗାନ୍ଧୀଛକ ନିକଟ ପରିବା ମାର୍କେଟଠାରେ କଳିଙ୍ଗ ବିକାଶ ସାର୍ବଜନୀନ ପାଠାଗାର ରବିବାର ଉଦ୍‌ଘାଟିତ ହୋଇଯାଇଛି। ଚୌଦ୍ୱାର ମହିଳା ମହାବିଦ୍ୟାଳୟ ଅଧକ୍ଷା ଦେବାର୍ଚ୍ଚନା ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧାପକ କ୍ଷୀରୋଦ କୁମାର ସାହୁ, ସୂର୍ଯ୍ୟମଣୀ ରାଜ, ଶିକ୍ଷାବିତ୍ ହରିହର ମହାରଣା, ବଳରାମ ଓଝା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପାଠାଗାରକୁ ଉଦ୍‌ଘାଟନ କରିଥିଲେ। ସୂଚନାଯୋଗ୍ୟ, ସାମାଜିକ କର୍ମୀ ହୃଷୀକେଶ ସାହୁଙ୍କ ପ୍ରଚେଷ୍ଟାରେ ଗଢିଉଠିଥିବା ଏହି ପାଠାଗାରରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ଯୁବବର୍ଗ ଓ ଛାତ୍ରୀଛାତ୍ର ବିଭିନ୍ନ ପୁସ୍ତକ ପଢ଼ିବାର ସୁଯୋଗ ପାଇବେ।

## ସଂକ୍ଷେପରେ

### ଡ. ଅକ୍ଷୟ ବନ୍ଧୁ ପଟ୍ଟନାୟକଙ୍କ ପରଲୋକ

ମାହାଙ୍ଗା,୨।୨(ଯଯାତି ସିଂ)

ରାଜ୍ୟ ଜଳସମ୍ପଦ ବିଭାଗର ଅବସରପ୍ରାପ୍ତ ଇଞ୍ଜିନିୟର ଡ. ଅକ୍ଷୟ ବନ୍ଧୁ ପଟ୍ଟନାୟକ(୯୧)ଙ୍କ ଗତ ୩୧ତାରିଖରେ ଭୁବନେଶ୍ୱରର ଖାରବେଳନଗରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ



ହୋଇ ଦୀର୍ଘଦିନ ଧରି ଶଯ୍ୟାଶାୟୀ ଥିଲେ। ତାଙ୍କପରଲୋକ ଖବର ପାଇ ଭୁବନେଶ୍ୱରସ୍ଥ ବାସଭବନରେ ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ, ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। ଶନିବାର ରାତିରେ ସ୍ୱର୍ଗତ ପଟ୍ଟନାୟକଙ୍କ ଅନ୍ତିମ ସଂସ୍କାର ପୈତୃକ ଗ୍ରାମ କଟକ ଜିଲା ମାହାଙ୍ଗା ଥାନା ପଲ୍ଲିସାହି ଗ୍ରାମରେ ହୋଇଥିଲା। ପୁତ୍ର ବିକ୍ରମ ମୁଖାଗ୍ନି ଦେଇଥିଲେ। ଅକ୍ଷୟଙ୍କ ୨ ଭାଇଁ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବାର ଅଧିକାରୀ ମନ୍ମଥ ରାଉତ ଓ ଜଗଦୀଶ ମହାନ୍ତି, ବଡଝିଅ ଓଡ଼ିଶୀ ନୃତ୍ୟାଙ୍ଗନା ପୂର୍ଣ୍ଣଶ୍ରୀ ରାଉତ, ସାନଝିଅ ପଦ୍ମଶ୍ରୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅକ୍ଷୟ ପାଟନା ବିଶ୍ୱବିଦ୍ୟାଳୟରୁ ବି.ଟେକ୍‌ରେ ଫାଷ୍ଟ କ୍ଲାସ ଫାଷ୍ଟ ଗୋଲ୍ଡ ମେଡାଲ ସହିତ ଉତ୍ତୀର୍ଣ୍ଣ ହୋଇଥିଲେ। ଇଂଲଣ୍ଡର ମାଞ୍ଚେଷ୍ଟର ୟୁନିଭରସିଟିରୁ ଫ୍ଲୁଇଡ ଡାଇନାମିକସରେ ପିଏଚ.ଡି ହାସଲ କରି ଜଳସମ୍ପଦ ବିଭାଗରେ କାର୍ଯ୍ୟ କରିଥିଲେ। ଡେଲଟା ଓ ଫ୍ଲଡ କଣ୍ଟ୍ରୋଲର ମୁଖ୍ୟଯନ୍ତ୍ରୀ ଏବଂ ୱାଟର ଓ ଲ୍ୟାଣ୍ଡ ମ୍ୟାନେଜ୍‌ମେଣ୍ଟ ଇନ୍‌ଷ୍ଟିଚ୍ୟୁଟର ମୁଖ୍ୟଯନ୍ତ୍ରୀ ଭାବେ ସେ ଅବସର ଗ୍ରହଣ କରିଥିଲେ।

### ଥାନାର ପ୍ରଥମ ମହିଳା ଆଇଆଇସି

ଆଠଗଡ଼, ୨।୨(ସତ୍ୟ ପ୍ରସାଦ ରଥ)

ଆଠଗଡ଼ ଥାନାର ନୂତନ ଆଇଆଇସିଭାବେ କୁମାରୀ ସୁମତି କୁମାରୀ ମହାନ୍ତି କାର୍ଯ୍ୟରେ ଯୋଗଦାନ କରିଛନ୍ତି। ସେ ଏହି ଥାନାର ହେଲେ ପ୍ରଥମ ମହିଳା ଆଇଆଇସି। ଆଠଗଡ଼ ଥାନାର ଆଇଆଇସି ଅନିରୁଦ୍ଧ ମୁଦୁଲିଙ୍କ ବଡମ୍ବା ବଦଳି ହୋଇଥିଲାବେଳେ ମହାନ୍ତି ହେଡ୍‌କ୍ୱାର୍ଟରରୁ ବଦଳି ହୋଇ ଏଠାରେ ଯୋଗଦେଇଛନ୍ତି। ମହାନ୍ତି ଏହା ପୂର୍ବରୁ ଯାଜପୁର ଓ ପୁରୀର ବିଭିନ୍ନ ଥାନାରେ ଦକ୍ଷତା ସହ କାର୍ଯ୍ୟ କରିଥିଲେ।

### ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ସରସ୍ୱତୀ ପୂଜା

କଟକ,୨।୨(କାର୍ତ୍ତିକ ସାହୁ)

ଟାଙ୍ଗୀସ୍ଥିତ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ସରସ୍ୱତୀ ପୂଜା ରବିବାର ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ ପକ୍ଷରୁ ନିର୍ମିତ ସ୍ୱତନ୍ତ୍ର ମଣ୍ଡପରେ ସରସ୍ୱତୀଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜାର୍ଚ୍ଚନା ହୋଇଥିଲା। ଡ୍ରିମ୍‌ସ ମେଡିକାଲ କଲେଜ, ଇଚ୍ଛାବତୀ ଛାତ୍ରୀ ନିବାସ, କପିଳ ଛାତ୍ରାବାସ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପଲିଟେକ୍‌ନିକ୍ ଓ ମୁଖ୍ୟ ପ୍ରଶାସନିକ ଭବନରେ ସରସ୍ୱତୀ ପୂଜା ହୋଇଥିଲା। ହୋମ ପରେ ଛାତ୍ରୀଛାତ୍ର ପୁଷ୍ପାଞ୍ଜଳି ଦେଇଥିଲେ। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଡିନ୍ ଡ. ନୟନ ରଞ୍ଜନ ସାମଲ, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ପ୍ରାଧ୍ୟାପକ ଲୋକନାଥ ବେହେରା, ଡା. ବୁଲୁ ମହାନ୍ତି, ପ୍ରାଧ୍ୟାପକ ଡ. ଜୀବନାନନ୍ଦ ମେହେନା, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ପ୍ରମୁଖ ପୂଜା ମଣ୍ଡପ ଯାଇ ଦେବୀଙ୍କୁ ଦର୍ଶନ କରିଥିଲେ।

# ଡିଇଓଙ୍କ କାର୍ଯ୍ୟାଳୟରୁ ମିଳୁନାହିଁ ଗୁରୁତ୍ୱପୂର୍ଣ୍ଣ ଫାଇଲ

କଟକ ସଦର,୨।୨(ସୁଶାନ୍ତ କୁମାର ଜେନା)

କଟକ ଜିଲାର ୨୪ଟି ପଞ୍ଚାୟତର ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ଜଗତ୍‌ସିଂହପୁର ଶିକ୍ଷା ଜିଲା ନିୟନ୍ତ୍ରଣରେ ରହିଥିଲା। ୨୦୨୦ରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଏହି ସବୁ ପଞ୍ଚାୟତର ଶିକ୍ଷା ବ୍ୟବସ୍ଥା କଟକ ଜିଲା ଶିକ୍ଷାଧିକାରୀ(ଡିଇଓ)ଙ୍କ ନିୟନ୍ତ୍ରଣକୁ ଆସିଥିଲା। ମାତ୍ର ବିଦ୍ୟାଳୟର ଜମିଜମା ସଂକ୍ରାନ୍ତୀୟ ଗୁରୁତ୍ୱପୂର୍ଣ୍ଣ ଫାଇଲ ଅଦ୍ୟାବଧି କଟକ ଡିଇଓଙ୍କ କାର୍ଯ୍ୟାଳୟକୁ ଆସିନାହିଁ ବୋଲି ଡିଇଓ କାର୍ଯ୍ୟାଳୟ ଜଣେ ଅଧିକାରୀ ପରିଚୟ ଗୋପନ ରଖି କହିଛନ୍ତି। ସେହିପରି ଉକ୍ତ ଫାଇଲ ମଧ୍ୟ ଜଗତ୍‌ସିଂହପୁର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ମିଳୁ ନାହିଁ ବୋଲି ସୂଚନା ଅଧିକାର ଆଇନ(ଆରଟିଆଇ) ବଳରେ ମିଳିଥିବା ତଥ୍ୟରୁ ଜଣାପଡିଛି। ବିଶେଷକରି କଟକ ଜିଲାର ଧରିଣା, ପ୍ରହରାଜପୁର ଓ ବାରଦା ଉଚ୍ଚ ବିଦ୍ୟାଳୟ, ଗରାସୁଣୀ ବିଦ୍ୟାମନ୍ଦିରର ନିଜସ୍ୱ ଜମିର କାଗଜପତ୍ର ଜଗତ୍‌ସିଂହପୁର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ନ ଥିବା କଥା ସମ୍ପୃକ୍ତ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ ପତ୍ରସଂଖ୍ୟା ୬୬୪/୨୧।୧।୨୦୨୫ରେ ଜଣାଇଛନ୍ତି। ଅପରପକ୍ଷରେ ଗୋଚର ଜମିରେ କୌଣସି ସ୍ଥାୟୀ ନିର୍ମାଣ କରାଯାଇପାରିବ ନାହିଁ ବୋଲି ସରକାରୀ ନିୟମ ରହିଛି। ହେଲେ କିଛିଦିନ ତଳେ କିଶନନଗର ତହସିଲ କାର୍ଯ୍ୟାଳୟ ପକ୍ଷରୁ କରାଯାଇଥିବା ସର୍ଭେରେ ଉପରୋକ୍ତ ବିଦ୍ୟାଳୟଗୁଡ଼ିକର ନିର୍ମାଣ ଗୋଚର ଜମିରେ କରାଯାଇଛି ବୋଲି ଜଣାପଡିଛି। ତେଣୁ ଛାତ୍ରୀଛାତ୍ରଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ଜମିକୁ ବିଦ୍ୟାଳୟ ନାମରେ କରିବା ପାଇଁ କଟକ ଜିଲାପାଳଙ୍କୁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ପତ୍ର ଲେଖାଯାଇଛି। ବର୍ତ୍ତମାନ କେବଳ ଧରିଣା ଉଚ୍ଚ ବିଦ୍ୟାଳୟକୁ ଲାଗି ରହିଥିବା ୩୦ ଡିସିମିଲ ଗୋଚର ଜମିକୁ ଜିଲାପାଳ ଅସଂରକ୍ଷିତ ଘୋଷଣା କରିଛନ୍ତି। ଉକ୍ତ ବିଦ୍ୟାଳୟକୁ ସରକାରୀ ମଞ୍ଜୁରୀ ମିଳିବା ପୂର୍ବରୁ ଗ୍ରାମବାସୀ ଦାନ ସୂତ୍ରରେ ଦେଇଥିବା ୨ ଏକର ଜମିର କବଲା ପଡା ମିଳୁନାହିଁ। ତେଣୁ ଏହି ଜମିର ପଟ୍ଟା ବାହାରି ପାରୁନାହିଁ। ସମସ୍ୟା ସମ୍ପର୍କରେ ଜଗତ୍‌ସିଂହପୁର ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପରେଶ ଚନ୍ଦ୍ର ପାତ୍ର କହିଛନ୍ତି, ଏହିସବୁ ବିଦ୍ୟାଳୟର ଜମିଜମା ସମ୍ପର୍କିତ କାଗଜପତ୍ର ଜଗତ୍‌ସିଂହପୁର ଡିଇଓ କାର୍ଯ୍ୟାଳୟରେ ନ ଥିବାରୁ ତାହା କଟକ ଡିଇଓ କାର୍ଯ୍ୟାଳୟକୁ ପଠାଯାଇପାରି ନାହିଁ।



କଟକ ବିଜୁ ପଟ୍ଟନାୟକ ଛକସ୍ଥିତ ଖ୍ରୀଷ୍ଟିଆନ୍ ପଡିଆରେ ରାଜ୍ୟସ୍ତରୀୟ ଖଦି ଓ ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ ପ୍ରଦର୍ଶନୀରେ ଖୋଲିଥିବା ଷ୍ଟଲରେ ଲୋକମାନେ ଗୃହଉପକରଣ ସାମଗ୍ରୀ ଦେଖୁଛନ୍ତି।

# ‘ଅଂଶୁପାର ପ୍ରାକୃତିକ ପରିବେଶକୁ ପ୍ଲାଷ୍ଟିକ ମୁକ୍ତ ରଖିବା ସମସ୍ତଙ୍କ ଦାୟିତ୍ୱ’

ବାଙ୍କୀ,୨।୨(ଶୁଭେନ୍ଦୁ ମହାପାତ୍ର)

**ବିଶ୍ୱ ଆର୍ଦ୍ର ଭୂମି ଦିବସ**

ବାଙ୍କୀ ଉପଖଣ୍ଡ ଅଂଶୁପାରେ ବିଶ୍ୱ ଆର୍ଦ୍ର ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ବୈଜ୍ଞାନିକ ରବୀନ୍ଦ୍ର ନାଥ ସାମଲ, ରେଞ୍ଜ ଅଧିକାରୀ ସତ୍ୟବ୍ରତ ପ୍ରଧାନ, ରାଜ୍ୟ ସାମ୍ବାଦିକ ସଂଘ ଜିଲା ସମ୍ପାଦକ ଶୁଭେନ୍ଦୁ କୁମାର ମହାପାତ୍ର, ସାମାଜିକି କର୍ମୀ ମାନଭଞ୍ଜନ ଦଳେଇ, ଖବରଦାତା ଗୌରଙ୍ଗ ବେହେରା, ସୁବର୍ଣ୍ଣପୁର ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଭ୍ରମରବର ଦଳେଇ, ଓସ୍ତିଆ ପଞ୍ଚାୟତ ସରପଞ୍ଚ ଆର୍ତ୍ତବନ୍ଧୁ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ସାମଲ କହିଥିଲେ, ଅଂଶୁପାର ଚତୁପାର୍ଶ୍ୱକ ପ୍ରାକୃତିକ ପରିବେଶକୁ ପଲିଥିନ ଓ ପ୍ଲାଷ୍ଟିକ ମୁକ୍ତ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ଅଂଶୁପାହ୍ରଦର ସୁପର ଭାଇଜର ଗଙ୍ଗାଧର ସାମନ୍ତରାୟଙ୍କ ସମେତ ସମସ୍ତ କର୍ମଚାରୀମାନେ ଓ ମହିଳା ସଂଘ ସହାୟକ ଗୋଷ୍ଠୀମାନେ ଏଥିରେ ସହଯୋଗ କରିଥିଲେ।

### କ୍ରିକେଟ ଟୁର୍ନାମେଣ୍ଟ: ଫାଇନାଲରେ ବିନ୍ଧାଣିମା

ଟିଗିରିଆ,୨।୨(ଜାଫର ଖାଁ)

ଟିଗିରିଆ ବ୍ଲକ ଅନ୍ତର୍ଗତ ବିନ୍ଧାଣିମା ଖେଳପଡ଼ିଆ ଠାରେ ରାମଚଣ୍ଡୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ସଞ୍ଜୀବ ପଟ୍ଟନାୟକ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ପ୍ରଥମ ସେମିଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ସେମିଫାଇନାଲ ମ୍ୟାଚରେ ପାଞ୍ଚଗାଁ ଆଞ୍ଚଳିକ ଆଥ୍‌ଲେଟିକ୍‌କୁ ୯ ଉଇକେଟ୍‌ରେ ହରାଇ ଆୟୋଜକ ରାମଚଣ୍ଡୀ କ୍ରିକେଟ କ୍ଲବ ବିନ୍ଧାଣିମା ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଟସ ଜିତି ପାଞ୍ଚଗାଁ ଦଳ ୨୦ ଓଭରରେ ୮ ଉଇକେଟ ହରାଇ ୨୯୨ ରନ୍ କରିଥିଲା। ଦଳ ପକ୍ଷରୁ ଶକ୍ତିପ୍ରସାଦ ଦାସ ୩୯ ବଲ୍‌ରେ ୧୧୨ ରନ, ଚିନୁ ବେହେରା ୨୨ ବଲ୍‌ରେ ୬୩ ରନ କରିଥିଲେ। ବୋଲିଂରେ ବିନ୍ଧାଣିମାର ମୃତ୍ୟୁଞ୍ଜୟ ମାନସିଂ ୪ ଓଭରରେ ୪ଟି ଓ ବିକ୍ରମ ନାୟକ ୪ ଓଭରରେ ୩ଟି ଉଇକେଟ ନେଇଥିଲେ। ଏହାର ଜବାବରେ ବିନ୍ଧାଣିମା ଦଳ ୧୩ ଓଭରରେ ଗୋଟିଏ ଉଇକେଟ ହରାଇ ୩୧୫ ରନ କରି ମ୍ୟାଚ୍‌କୁ ୯ ଉଇକେଟରେ ଜିତି ଫାଇନାଲରେ ନିଜ ସ୍ଥାନ ପକ୍କା କରିଛି। ଦଳ ତରଫରୁ ସୁଶାନ୍ତ ପଣ୍ଡା ୩୨ ବଲ୍‌ରେ ୧୩୨ ରନ୍, ମୃତ୍ୟୁଞ୍ଜୟ ମାନସିଂ ୨୫ ବଲ୍‌ରେ ୧୦୦ ରନ ଓ ସିଲୁ ପ୍ରଧାନ ୧୯ ବଲ୍‌ରେ ସର୍ବାଧିକ ୫୧ ରନ୍ କରିଥିଲେ। ବୋଲିଂରେ ପାଞ୍ଚଗାଁର ଶକ୍ତିପ୍ରସାଦ ଦାସ ୪ ଓଭରରେ ଗୋଟିଏ ଉଇକେଟ ନେଇଥିଲେ। ବିନ୍ଧାଣିମାର ମୃତ୍ୟୁଞ୍ଜୟ ମାନସିଂଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ରୂପେ ପୁରସ୍କୃତ କରାଯାଇଥିଲା। ଖେଳକୁ ଅମ୍ପାୟାର ତନ୍ମୟ ନାଏକ ଓ ଶ୍ରୀକାନ୍ତ ଛାଟୋଇ ପରିଚାଳନା କରିଥିଲେ।

# ସରସ୍ୱତୀ ଶିକ୍ଷାନୁଷ୍ଠାନ ସମୂହର ବାର୍ଷିକୋତ୍ସବ



କଟକ,୨।୨(କାର୍ତ୍ତିକ ସାହୁ)

ସରସ୍ୱତୀ ପୂଜା ଅବସରରେ ସରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନର ବାର୍ଷିକ ଉତ୍ସବ ବେଲଗାଛିଆସ୍ଥିତ ଅନୁଷ୍ଠାନ ପରିସରରେ ରବିବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଝାଡଖଣ୍ଡ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଯୋଗଦେଇ ମାନବ ଅଧିକାରୀ ଓ ଶିକ୍ଷା ଉପରେ ବକ୍ତବ୍ୟ ଦେଇଥିଲେ। ମୁଖ୍ୟ ଅତିଥିଙ୍କୁ ସ୍ମୃତିଚିହ୍ନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ସମ୍ମାନିତ ଅତିଥି ହାଇକୋର୍ଟରେ ବରିଷ୍ଠ ଆଇନଜୀବୀ ସୁଶାନ୍ତ କୁମାର ଦାସ ଛାତ୍ରୀଛାତ୍ରଙ୍କ ନିମନ୍ତେ ମୌଳିକ ଶିକ୍ଷା ସହିତ ନୀତିଶିକ୍ଷାର ପାଠ୍ୟକ୍ରମ ରହିବା ଆବଶ୍ୟକ ବୋଲି କହିଥିଲେ। କମ୍ପ୍ୟୁଟର ଆପ୍ଲିକେଶନ୍ ସେଣ୍ଟରର ପ୍ରତିଷ୍ଠାତା ଦୁର୍ଯ୍ୟୋଧନ ସ୍ୱାଇଁ, ସରସ୍ୱତୀ ସ୍ୱାଇଁ (ଯାହାଙ୍କ ନାମରେ କଲେଜ ନାମିତ) ଉପସ୍ଥିତ ଥିଲେ। ଶିକ୍ଷାନୁଷ୍ଠାନ ସମୂହର ଚେୟାରମ୍ୟାନ୍ ଡ. ଦେବଦତ୍ତ ସ୍ୱାଇଁ ମଞ୍ଚାସୀନ ଥିଲେ। କଲେଜ ଅଧ୍ୟକ୍ଷ ଡ. ବିଶ୍ୱଜିତ୍ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା ଓ ସରସ୍ୱତୀ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ବ୍ୟୋମକେଶ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିରେ ଶିକ୍ଷାନୁଷ୍ଠାନ ସମୂହର ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ବିଦ୍ୟାଳୟ ଖୋଲିବାକୁ ସହମତି

ବାଙ୍କୀ,୨।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

**ମାଳବିହାରପୁର ଛାତ୍ର ମୃତ୍ୟୁ ଘଟଣାକୁ ୭ ଦିନ ବିତିଲା**

ସାଧାରଣତନ୍ତ୍ର ଦିବସରେ ଯୋଗଦେବା ପାଇଁ ମାଳବିହାରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଆସୁଥିବାବେଳେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବିରେ ୭ ଦିନ ହେବ ବିଦ୍ୟାଳୟରେ ତାଲା ଝୁଲୁଛି। ଏହି ସମସ୍ୟାର ସମାଧାନ ପାଇଁ ବାଙ୍କୀ ଉପଜିଲାପାଳ ଦେବୀ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ତାଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମବାସୀ, ସ୍ଥାନୀୟ ସରପଞ୍ଚ, ଗାଁ ମୁରବି ଓ ମୃତଛାତ୍ରର ଶୋକସନ୍ତପ୍ତ ପରିବାର ସଦସ୍ୟ ଯୋଗଦେଇଥିଲେ। ବୈଠକରେ ଉପଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିବା ଦାବିପତ୍ର ସମ୍ପର୍କରେ ଆଲୋଚନା ହୋଇଥିଲା। ମାଳବିହାରପୁର ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ୧୫ବର୍ଷରୁ ଅଧିକ ଦିନ କାର୍ଯ୍ୟରତ ଶିକ୍ଷକମାନଙ୍କ ବଦଳି ଦାବିକୁ ଗ୍ରହଣ କରାଯାଇଥିଲା। ଏଥିସହ ଦୁର୍ଘଟଣାରେ ଆହତ ଛାତ୍ରୀଛାତ୍ରଙ୍କ ଚିକିତ୍ସାର ଖର୍ଚ୍ଚ ସରକାର ବହନ କରିବା ପାଇଁ ଗ୍ରାମବାସୀ ନିବେଦନ କରିଥିଲେ। ମୃତ ଛାତ୍ରର ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ଦୁର୍ଘଟଣାରେ ଆହତ ଛାତ୍ରୀଛାତ୍ରୀଙ୍କୁ ଅଭିଭାବକମାନେ ଚିକିତ୍ସା ପାଇଁ ନେବା ଆଣିବା କରିବାକୁ ବସ୍‌ପାସ୍ ଯୋଗାଇ ଦେବାକୁ ଦାବି କରାଯାଇଥିଲା। ଏନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ଏଥିସହ ଅନ୍ୟାନ୍ୟ ଦାବିଗୁଡ଼ିକ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ବିଦ୍ୟାଳୟ ଖୋଲିବା ପାଇଁ ସହମତି ପ୍ରକାଶ ପାଇଥିଲା। ଏହି ବୈଠକରେ ବାଙ୍କୀ ଥାନା ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ, ବାଙ୍କୀମଣ୍ଡଳ ଶିକ୍ଷାଧିକାରୀ ସନ୍ତୋଷ କୁମାର ସେଠୀ, ଅତିରିକ୍ତ ତହସିଲଦାର ସ୍ୱର୍ଣ୍ଣମ ପ୍ରିୟଦର୍ଶନୀଙ୍କ ସମେତ ୭୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ।

### ତାରିଣୀ ପୂଜା କମିଟିର ରୌପ୍ୟ ଜୟନ୍ତୀ

ମାଣିଆବନ୍ଧ,୨।୨(ଅଖିଳ କୁମାର ସାହୁ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ କୁଆଁରପାଳସ୍ଥିତ ମା ତାରିଣୀ ପୂଜା କମିଟିର ରୌପ୍ୟ ଜୟନ୍ତୀ ଉତ୍ସବ ରବିବାର ଗ୍ରାମ ସଭାପତି ବଳଭଦ୍ର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ବିଜୟ କୁମାର ଦଳବେହେରା, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ପୂର୍ବତନ ଅଧ୍ୟକ୍ଷ ବିଭୁଦତ୍ତ ପଟ୍ଟନାୟକ, ଜିଲା ପରିଷଦ ନୟନା ସାହୁ, ସରପଞ୍ଚ ମନୋଜ ପରିଡ଼ା, ସମିତିସଭ୍ୟ ହରିହର ବେହେରା, ଆମ୍ବ ଅଧ୍ୟକ୍ଷ ମହେନ୍ଦ୍ର ପଢ଼ିଆରୀ ପ୍ରମୁଖ ଯୋଗଦେଇ ଉତ୍ସବର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ।

### ସରପଞ୍ଚଙ୍କ ଘରୁ ଟଙ୍କା, ଅଳଙ୍କାର ଚୋରି

କଣ୍ଟାପଡା,୨।୨(ସୁରନାରାୟଣ ସାହୁ)

ଗୋବିନ୍ଦପୁର ଥାନା ଅନ୍ତର୍ଗତ ବ୍ରାହ୍ମଣସାଇଲୋ ପଞ୍ଚାୟତର ସରପଞ୍ଚ ତୃପ୍ତିମୟୀ ରାଉତଙ୍କ ଧାନମଣ୍ଡଳସ୍ଥିତ ଘରୁ ଚୋରି ହୋଇଥିବା ରବିବାର ଅଭିଯୋଗ ହୋଇଛି। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏଥିସହ ଜଣଙ୍କୁ ସନ୍ଦେହରେ ଅଟକ ରଖି ପଚରାଉଚରା ଚଳାଇଛି। ସରପଞ୍ଚଙ୍କ ପରିବାର ଗୋଟିଏ ରୁମ୍‌ରେ ଶୋଇଥିଲେ। ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଗ୍ରୀଲ୍ ଭାଙ୍ଗି ଘରେ ପଶିବା ସହ ଆଲ୍‌ମିରାରେ ଥିବା ୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଓ ୧୫୧ ଗ୍ରାମ୍ ଓଜନର ସୁନାଅଳଙ୍କାର ଚୋରିକରି ନେଇଛନ୍ତି। ରବିବାର ସକାଳେ ତୃପ୍ତିମୟୀ ଉଠିବା ପରେ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୩/୨୫) ରୁଜୁ କରିଛି।

### ବୀରାରାଣୀ ଶୁକଦେଈଙ୍କ ପୁଣ୍ୟ ତିଥି ଦିବସ

ବାଙ୍କୀ,୨।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ରାଣୀ ଶୁକଦେଈ ସ୍ମୃତି ପରିଷଦ ଆନୁକୂଲ୍ୟରେ ବୀରାରାଣୀ ଶୁକଦେଈଙ୍କ ୨୯୯ତମ ପୁଣ୍ୟ ତିଥି ଦିବସ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସଭାଗୃହରେ ପାଳିତ ହୋଇଯାଇଛି। ଏଥିରେ ବାଙ୍କୀର ରାଜା ସାହେବ ଦୁର୍ଗାମାଧବ ଶ୍ରୀଚନ୍ଦନ ମହାପାତ୍ର ସଭାପତିତ୍ୱ କରିଥିଲେ। ପରିଷଦର ସମ୍ପାଦକ ପ୍ରାଧ୍ୟାପକ ମନୋଜ ମହାପାତ୍ର ସ୍ୱାଗତ ଭାଷଣ ଓ ଉପସଭାପତି କବି ରବିନାରାୟଣ ମଙ୍ଗରାଜ ଅତିଥି ପରିଚୟ ଦେଇଥିଲେ। ମୁଖ୍ୟଅତିଥି ଭାବେ ମାଣିଆବନ୍ଧ ମହାବିଦ୍ୟାଳୟ ସଂସ୍କୃତ ବିଭାଗର ବିଭାଗୀୟ ମୁଖ୍ୟ ଡ. ସାରଦା ନନ୍ଦ ଦାସ, ମୁଖ୍ୟବକ୍ତା ଭାବେ ବଡ଼ମ୍ବା ମୋହନ ସୁବୁଦ୍ଧିମହାବିଦ୍ୟାଳୟର ଡ. ଅରବିନ୍ଦ ନାୟକ, ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ଗଡ଼ର ଐତିହାସିକ ଶଙ୍କର ସାହୁ, କବି କୌଶିକ ନାୟକ, କବି ନରୋତ୍ତମ ବେହେରା ଓ ଐତିହାସିକ ପ୍ରଫେସର ଲକ୍ଷ୍ମଣ କୁମାର ମନ୍ତ୍ରୀ ଯୋଗଦାନ କରି ରାଣୀଙ୍କ ଗାରିମା ସମ୍ପର୍କରେ ଆଲୋକପାତ କରିଥିଲେ। ଏହିଅବସରରେ ୫ ଜଣ ଛାତ୍ରୀଙ୍କୁ ରାଣୀ ଶୁକଦେଈ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା।

# ଏସ୍‌ୟୁସିଆଇ ପକ୍ଷରୁ ବଜେଟ ପ୍ରତିଲିପି ପୋଡ଼ି

କଟକ,୨।୨(କାର୍ତ୍ତିକ ସାହୁ)

କେନ୍ଦ୍ର ସରକାର ସଂସଦରେ ଆଗତ କରିଥିବା ବୃତ୍ତାନ୍ତ ବଜେଟକୁ ଜନ ବିରୋଧୀ ଓ ଏକଚାଟିଆ ପୁଞ୍ଜିପତି ସପକ୍ଷବାଦୀ ବୋଲି ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ କୁହାଯାଇଛି। ଚଳିତ ବଜେଟ୍ ବିରୋଧରେ କଟକ କଲେଜ ଛକଠାରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) କଟକ ଜିଲା କମିଟିର ଡାକରାରେ ଏକ ବଜେଟ ପ୍ରତିଲିପି ପୋଡ଼ାଯାଇ ପ୍ରତିବାଦ ସଭା ରବିବାର ହୋଇଥିଲା। ଜିଲା ସମ୍ପାଦକ ବିଶ୍ୱାବସୁ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଫିସ ସମ୍ପାଦକ ଖଗେଶ୍ୱର ସେଠୀ, ବବି ବଳବନ୍ତରାୟ, ବସନ୍ତ ନାୟକ, ସିଦ୍ଧାର୍ଥ ରଥ, ଆଇନଜୀବୀ ପ୍ରତାପ ମିଶ୍ର, ଶୋଭା ଦେହୁରୀ, ସିପ୍ରା ମହାନ୍ତି, ଝରଣା ଦାସ ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ର ସରକାରଙ୍କ ବଜେଟର ତୀବ୍ର ସମାଲୋଚନା କରିଥିଲେ। ଦେଶର ଜନସାଧାରଣଙ୍କୁ ବିଭ୍ରାନ୍ତ କରିବା ପାଇଁ ଭାଷାର ଚତୁରି ଆଡୁଆଳରେ ଉତ୍କଟ ବେକାରି, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ବୃଦ୍ଧି, ଦେଶର ସାଧାରଣ ଖଟିଖିଆ ଲୋକଙ୍କ ଦୁଃଖ ଦୂର କରିବା ପାଇଁ ଏହି ବଜେଟରେ କୌଣସି ବ୍ୟବସ୍ଥା ନାହିଁ। ଅଧିକରୁ ଅଧିକ ପିପିପି ବ୍ୟବସ୍ଥାର ପ୍ରଚଳନ, ବୀମା କ୍ଷେତ୍ରରେ ଶତକଡ଼ା ୧୦୦ ବିଦେଶୀ ପୁଞ୍ଜି ଅନୁପ୍ରବେଶ ଓ ସରକାରୀ କମ୍ପାନୀଗୁଡ଼ିକର ଦ୍ରୁତ ଘରୋଇକରଣ ପାଇଁ ଏହି ବଜେଟ୍‌ରେ ବ୍ୟବସ୍ଥା କରାଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ଜନମଙ୍ଗଳକାରୀ କ୍ଷେତ୍ରରେ ବ୍ୟୟବରାଦ ହ୍ରାସ କରାଯାଇଛି। ମାତ୍ର ବିତ୍ତମନ୍ତ୍ରୀ ଚତୁରତାର ସହିତ ବଜେଟ ଭାଷଣରେ ଏହାର ଉଲ୍ଲେଖ କରିନାହାନ୍ତି। ମୋଟ ଉପରେ ଏହି ବଜେଟ ଧନୀ ଦରିଦ୍ର ମଧ୍ୟରେ ଆର୍ଥିକ ତରତମ୍ୟକୁ ଆହୁରି ବ୍ୟାପକ କରିବ ଓ ସାଧାରଣ ଲୋକଙ୍କ ଅବସ୍ଥା ଆହୁରି ଶୋଚନୀୟ ହେବ ବୋଲି ବକ୍ତାମାନେ କହିଥିଲେ।




କଟକ କଲେଜ ଛକଠାରେ ଏସ୍‌ୟୁସିଆଇ(ସି) ପକ୍ଷରୁ କେନ୍ଦ୍ର ସରକାରଙ୍କ ଜନ ବିରୋଧୀ ବଜେଟ ପ୍ରତିଲିପି ପୋଡ଼ାଯାଉଛି।

## ଫଟୋରେ ଖବର

### ବାଗ୍‌ଦେବୀଙ୍କୁ ଆରାଧନା



କଟକ ଜିଲା ଟାଙ୍ଗୀସ୍ଥିତ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ।



ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର।



ଚୌଦ୍ୱାରର ଏକ ଶିକ୍ଷାନୁଷ୍ଠାନରେ ସରସ୍ୱତୀ ପୂଜା।

